# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

**India's National Spiritual Newspaper**

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXII | YEAR OF OUR LORD JESUS CHRIST, MAY 2021 | No. 4


### ପବିତ୍ର ବାଇବଲ



(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଦ୍ୱିତୀୟ ବିବରଣ ୨୮:୧-୮)

୧. ମୁଁ ଆଜି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଯେ ଯେ ଆଜ୍ଞା ତୁମ୍ଭକୁ ଆଦେଶ କରୁଅଛି, ସେସବୁ ମାନିବା ପାଇଁ ଓ କରିବା ପାଇଁ ଯେବେ ତୁମ୍ଭେ ତାହାଙ୍କ ରବରେ ଯତ୍ନପୂର୍ବକ କର୍ଣ୍ଣପାତ କରିବ, ତେବେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ପୃଥିବୀସ୍ଥ ସମସ୍ତ ଦେଶୀୟ ଲୋକଙ୍କ ଅପେକ୍ଷା ତୁମ୍ଭକୁ ଶ୍ରେଷ୍ଠ କରିବେ ।

୨. ଯେବେ ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ରବ ଶୁଣିବ, ତେବେ ଏହିସବୁ ଆଶୀର୍ବାଦ ତୁମ୍ଭ ଉପରେ ବର୍ତ୍ତିବ ଓ ତୁମ୍ଭର ସଙ୍ଗ ଧରିବ ।

୩. ତୁମ୍ଭେ ନଗରରେ ଧନ୍ୟ ହେବ ଓ କ୍ଷେତ୍ରରେ ଧନ୍ୟ ହେବ ।

୪. ତୁମ୍ଭ ଶରୀରର ଫଳ ଓ ତୁମ୍ଭ ଭୂମିର ଫଳ ଓ ତୁମ୍ଭ ପଶୁର ଫଳ, ଅର୍ଥାତ୍, ଗୋବତ୍ସ ଓ ମେଷପଲର ଶାବକ ଧନ୍ୟ ହେବ ।

୫. ତୁମ୍ଭ ଚାଙ୍ଗୁଡ଼ି ଓ ମଇଦା ଦଳିବା ପାତ୍ର ଧନ୍ୟ ହେବ ।

୬. ତୁମ୍ଭେ ଗୃହକୁ ଆସିବା ବେଳେ ଧନ୍ୟ ଓ ଗୃହରୁ ବାହାରେ ଯିବା ବେଳେ ଧନ୍ୟ ହେବ ।

୭. ସଦାପ୍ରଭୁ ତୁମ୍ଭ ବିରୁଦ୍ଧରେ ଉଠିବା ଶତ୍ରୁମାନଙ୍କୁ ତୁମ୍ଭ ଆଗେ ଆଗେ ପରାସ୍ତ କରାଇବେ; ସେମାନେ ଏକ ପଥ ଦେଇ ତୁମ୍ଭ ବିରୁଦ୍ଧରେ ଆସିବେ, ମାତ୍ର ସାତ ପଥ ଦେଇ ତୁମ୍ଭ ସମ୍ମୁଖରୁ ପଳାଇବେ ।

୮. ସଦାପ୍ରଭୁ ତୁମ୍ଭ ଅମାରରେ ଓ ଯେ ଯେ କର୍ମରେ ତୁମ୍ଭେ ହସ୍ତ ଦେବ, ସେସବୁରେ ଆଶୀର୍ବାଦପ୍ରାପ୍ତି ଆଜ୍ଞା କରିବେ; ପୁଣି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ତହିଁରେ ସେ ତୁମ୍ଭକୁ ଆଶୀର୍ବାଦ କରିବେ ।

## ଯଦିଓ ସମସ୍ତ ବିଷୟ ଭୂମିରେ ପତିତ ହେବ, ତଥାପି, "ଈଶ୍ୱରଙ୍କ ବାକ୍ୟ" ଭୂମିରେ ପତିତ ହେବ ନାହିଁ ।



## Even if every thing falls on ground waste, none of "God's Words" will fall on the ground !

ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାକ୍ୟ

**"ଅନନ୍ତର ଶାମୁୟେଲ ବଢ଼ିଲେ ଓ ସଦାପ୍ରଭୁ ତାଙ୍କ ସଙ୍ଗେ ଥାଇ ତାଙ୍କର କୌଣସି କଥା ତଳେ ପଡ଼ିବାକୁ ଦେଲେ ନାହିଁ"**

**(୧ ଶାମୁୟେଲ ୩:୧୯) ।**

ମୁଁ ଛୋଟ ଥିବା ସମୟରେ, ମୋର ମା'ଙ୍କର ଅତ୍ୟଧିକ ପ୍ରେମ ବ୍ୟତୀତ ମୋର ମାମୁଁ ଓ ମାଉସୀଙ୍କର ତତ୍ତ୍ୱାବଧାନରେ ମଧ୍ୟ ବୃଦ୍ଧି ପାଇଥିଲି । ମୋର ବାପା ଦୂରରେ, ସୈନ୍ୟବାହିନୀରେ କାର୍ଯ୍ୟ କରୁଥିଲେ ଓ ଯେତେବେଳେ ସେ ଛୁଟୀରେ ଗୃହକୁ ଆସୁଥିଲେ, ସେତେବେଳେ ମୋ' ପାଇଁ ଅନେକ ଉପହାର କିଣି ଆଣୁଥିଲେ କାରଣ ମୁଁ ଆମ ପରିବାରରେ ଅତି ପ୍ରିୟ ସନ୍ତାନ ଥିଲି । ଆମେ ସମସ୍ତେ ଏକ ଯୁଗ୍ମ ପରିବାର ଭାବରେ ବାସ କରୁଥିଲୁ । ଥରେ ସେ ମୋତେ ଗୋଟିଏ ଅତି ମୂଲ୍ୟବାନ ବିଦେଶୀ ସୁଗନ୍ଧି ତୈଳର ବୋତଲ ଦେଇଥିଲେ । ସେ ମୋତେ ଉତ୍ସାହିତ କରି, ସେହି ବୋତଲକୁ ଅତି ଯତ୍ନରେ ରଖିବା ପାଇଁ କହିଥିଲେ ।

ମୁଁ ଏହାକୁ ଅତି ଖୁସିରେ ଗ୍ରହଣ କରିଥିଲି ଓ ଏହାକୁ ନେଇ ମୋର ଆତ୍ମିୟ, ବନ୍ଧୁଗଣ ଓ ଆମ ମଣ୍ଡଳୀର ପାଳକ ଓ ମଣ୍ଡଳୀକୁ ଆସୁଥିବା ମୋର ବନ୍ଧୁମାନଙ୍କୁ ଦେଖାଉଥିଲି ଓ ମୋର ବାପା ଏହାକୁ ମୋତେ ଉପହାର ଭାବରେ ଦେଇଛନ୍ତି କହି ଗର୍ବ କରୁଥିଲି ।

ମାତ୍ର କିଛି ମାସ ଭିତରେ, ଦିନେ ମୁଁ ବୋତଲଟିକୁ ଧରିଥିବା ସମୟରେ, ଏହା ମୋ' ହାତରୁ ଖସି ତଳେ ପଡ଼ିଗଲା ଓ ଖଣ୍ଡ ବିଖଣ୍ଡିତ ହୋଇ ଭାଙ୍ଗିଗଲା । ବୋତଲ ଭିତରେ ଥିବା ସବୁ ସୁଗନ୍ଧି ଦ୍ରବ୍ୟ ତଳେ ପଡ଼ି ମୋ' ଚକ୍ଷୁ ସମ୍ମୁଖରେ ପାଣି ପରି ବୋହିଗଲା । ସେହି ସମୟରେ ମୁଁ ଯେଉଁ ଆଘାତ ପାଇଥିଲି, ତାହା ଏ ପର୍ଯ୍ୟନ୍ତ ମୋ' ମନରେ ଅଛି ।

ଆପଣ ମଧ୍ୟ ଏପରି କିଛି ଘଟଣା ଦ୍ୱାରା ଆଘାତ ପାଇଥିବେ ଯାହା ଆପଣଙ୍କ ଜୀବନକୁ ଖଣ୍ଡ ବିଖଣ୍ଡିତ କରିଥିବ । ଆପଣଙ୍କ ହାତ ପାଆନ୍ତାରେ ଥିବା

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

# ECHO OF HIS CALL - (1969-2019 GOLDEN JUBILEE YEAR)

## from your dearly beloved brother...



(ECHO GROUP)



> "ଆମ୍ଭେ ଅନନ୍ତକାଳସ୍ଥାୟୀ ପ୍ରେମରେ ତୁମ୍ଭକୁ ପ୍ରେମ କରିଅଛୁ..."
> *(ଯିରିମିୟ ୩୧:୩) ।*

**OUR MISSION POLICY**
We should expound and teach the contemporary generation the undiluted teachings of the ancient and early Apostles. It is the need of the hour.

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th.,M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.

**HEAD OFFICE CO-ORDINATORS**
Bro. John Rodrigues
Sis. E. Daisy Rani

**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.

**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street
Chepauk, Chennai- 600 005, India.

**Phone :** (+ 91- 44) 2852 8282
2852 9293, 2854 7766

**Cell :** (+91) 98412 71858, 95661 31858

**E-mail :** sam@echoofhiscall.org
biblecor@yahoo.co.in

**Websites :**
www.echoofhiscall.org
www.echoofhiscall.com

### ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ମଧୁର ନାମରେ ଆପଣଙ୍କୁ ଓ ଆପଣଙ୍କର ପ୍ରିୟଜନମାନଙ୍କୁ ପ୍ରେମ ଭରା ଅଭିବାଦନ ।

ମୁଁ ଆଶା କରୁଛି ଯେ ଆପଣମାନେ ଭଲ ଅଛନ୍ତି । ଯୀଶୁ ଖ୍ରୀଷ୍ଟଙ୍କଠାରେ ଏକ ଉତ୍ତମ ବନ୍ଧୁ ଓ ଏହି ମହାନ୍ ଆତ୍ମିକ ଅଭିଯାନରେ ଜଣେ ସାଥୀ ଭାବରେ, ମୁଁ ପ୍ରତ୍ୟେକ ସକାଳ ଓ ସନ୍ଧ୍ୟାରେ ଆପଣମାନଙ୍କୁ ଅନୁଗ୍ରହ ସିଂହାସନ ନିକଟରେ ସ୍ମରଣ କରୁଅଛି । ଦୟାକରି ଏହା ଜାଣନ୍ତୁ ଯେ ଆପଣମାନେ ମୋର ପ୍ରାର୍ଥନା ଆଚ୍ଛାଦନ ମଧ୍ୟରେ ଅଛନ୍ତି । ଯେଉଁ ପ୍ରଭୁ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କର ମୁଁ ସେବା କରେ, ସେ ଆପଣମାନଙ୍କୁ ସାନ୍ତ୍ୱନାବିହୀନ କରି ଛାଡ଼ିବେ ନାହିଁ କି ପରିତ୍ୟାଗ କରିବେ ନାହିଁ ।

ସାଧାରଣ ସମୟ ପରି, ଏହି ଦିନଗୁଡ଼ିକରେ ମଧ୍ୟ ମୁଁ ମୋର ପାରିବାରିକ ଦାୟିତ୍ୱ ବ୍ୟତୀତ ପ୍ରାର୍ଥନା କରିବା, ଲେଖାଲେଖି କରିବା, ପ୍ରଚାର କରିବା, ଶିକ୍ଷା ଦେବା, ଅର୍ଥନୈତିକ ଆବଶ୍ୟକତାଗୁଡ଼ିକ ପ୍ରତି ଯତ୍ନଶୀଳ ହେବା ଭଳି ବିଭିନ୍ନ କାର୍ଯ୍ୟରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅତି ବ୍ୟସ୍ତ ରହୁଅଛି । ମୁଁ ଉତ୍ତମଭାବେ କାର୍ଯ୍ୟ ସଂପାଦନ କରୁଅଛି । "ସଦାପ୍ରଭୁ ମୋହର ପ୍ରତିପାଳକ, ମୋହର ଅଭାବ ହେବ ନାହିଁ । ସେ କୋମଳ ତୃଣମୟ ସ୍ଥାନରେ ମୋତେ ଶୟନ କରାନ୍ତି, ସେ ସ୍ଥିର ଜଳ ପାଖେ ପାଖେ ମୋତେ କଢ଼ାଇ ନିଅନ୍ତି । ସେ ମୋ' ପ୍ରାଣକୁ ସୁସ୍ଥ କରନ୍ତି, ସେ ଆପଣା ନାମ ସକାଶୁ ଧର୍ମପଥରେ ମୋତେ କଢ଼ାଇ ନିଅନ୍ତି । ଏଣୁ ମୁଁ ମୃତ୍ୟୁଚ୍ଛାୟାରୂପ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମ୍ଭେ ମୋହର ସହବର୍ତ୍ତୀ, ତୁମ୍ଭର ପାଞ୍ଚଣ ଓ ବାଡ଼ି ମୋତେ ସାନ୍ତ୍ୱନା ଦିଅନ୍ତି" (ଗୀତ ୨୩:୧–୪) । ଆପଣମାନେ ମଧ୍ୟ ଆପଣମାନଙ୍କ ଜୀବନରେ ଏହି ଅନୁଭୂତି ପାଆନ୍ତୁ ବୋଲି ମୁଁ ଇଚ୍ଛା କରେ ।

ଈଶ୍ୱରଙ୍କ ଅନୁଗ୍ରହରୁ, **ଆମର ମୁଖ୍ୟ ଉପାସନାଳୟ, ଶାଖା ମଣ୍ଡଳୀ ସବୁ, ୧୭ଟି ଭାଷାରେ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା, ବାଇବଲକୋର – ବେସିକ୍ କରେସ୍‌ପଣ୍ଡେନ୍ସ୍ କୋର୍ସ, ନିହିମିୟା ବାଇବଲ କଲେଜ, ସୁସମାଚାର ଛାପାକଳ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ,** ଇତ୍ୟାଦି ଉତ୍ତମଭାବେ ପରିଚାଳିତ ହେଉଅଛି । ଆମର ସୁରକ୍ଷା ଓ ସଂପ୍ରସାରଣ ପାଇଁ ମୁଁ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛି ।

### ନିହିମିୟା ବାଇବଲ କଲେଜ

ଏହି ଦିନଗୁଡ଼ିକରେ, ସଦାପ୍ରଭୁ ପରମେଶ୍ୱର ଏକ ଉନ୍ନତ ମାର୍ଗରେ ଆମ **ନିହିମିୟା ବାଇବଲ କଲେଜର** କାର୍ଯ୍ୟକଳାପ ଗୁଡ଼ିକୁ ସଂପ୍ରସାରିତ ଓ ଶକ୍ତିଯୁକ୍ତ କରିବା ଦିଗରେ ଆମକୁ ଅଗ୍ରସର କରାଉଛନ୍ତି । ଏହା ଜଣେ ସଭାପତିଙ୍କ ଅଧୀନରେ ପୃଥକ୍ ଭାବରେ କାର୍ଯ୍ୟ କରୁଅଛି ଯିଏ ଜଣେ ଦକ୍ଷ ବାଇବଲ ବିଶାରଦ ଅଟନ୍ତି । ତାଙ୍କ ସହିତ ଯୋଗ୍ୟ ଓ ଅଭିଜ୍ଞ ଅଧ୍ୟାପକମାନେ ମଧ୍ୟ ଅଛନ୍ତି । ଆମେ **ଏସିଆ ଥିଓଲୋଜିକାଲ୍ ଆସୋସିଏସନ୍** ଭାରତ ଠାରୁ ମାନ୍ୟତା ପାଇବା ପାଇଁ ଆବେଦନ କରିଅଛୁ । ଏହା ସ୍ୱୀକୃତ ଦେଉଥିବା ଏଜେନ୍‌ସୀଗୁଡ଼ିକ ମଧ୍ୟରେ ଅଗ୍ରଣୀ ଅଟେ । ସେମାନଙ୍କର ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରିବା ପାଇଁ ଆମକୁ ଆମର ପୁସ୍ତକାଗାରକୁ ଅଧିକରୁ ଅଧିକ ପୁସ୍ତକ ଦ୍ୱାରା ଉନ୍ନତ କରିବାକୁ ପଡୁଛି । ଆମେ ଆମର ଛାତ୍ରମାନଙ୍କର ବ୍ୟବହାର ପାଇଁ ଅଧିକ ଧର୍ମାତାତ୍ତ୍ୱିକ ଓ ଭକ୍ତିମୂଳକ ପୁସ୍ତକଗୁଡ଼ିକୁ ଆଣିବାକୁ ଚେଷ୍ଟା କରୁଅଛୁ ।

ଯଦି ଆପଣଙ୍କମାନଙ୍କ ନିକଟରେ ଏହିପରି କିଛି ଉତ୍ତମ ବ୍ୟବହୃତ କିମ୍ବା ନୂତନ ପୁସ୍ତକସବୁ ଅଛି, ତେବେ ଆପଣ ଆମର ବାଇବଲ କଲେଜକୁ ଜଣେ ବନ୍ଧୁ କହିଥିଲେ ଯେ ସେ ଆମକୁ ଜାହାଜ ଯୋଗେ ପ୍ରଚୁର ପୁସ୍ତକ ପଠାଇ ପାରିବେ, ମାତ୍ର ଆମକୁ ପରିବହନ ମୂଲ୍ୟ, ଶୁଳ୍କ ଇତ୍ୟାଦିର ମୂଲ୍ୟ ବହନ କରିବାକୁ ହେବ । ଏହା ଏକ ବିଶାଳ ପରିମାଣ ହୋଇପାରେ ଯାହା ଆମ ସାମର୍ଥ୍ୟର ବାହାରେ । ଆମେ ଏଥିପାଇଁ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ । ଆପଣ ଏହି ବଡ଼ ଆବଶ୍ୟକତା ପାଇଁ ପ୍ରାର୍ଥନା କରନ୍ତୁ ଓ ପ୍ରଭୁ ଯେପରି ଚାଳନା ଦିଅନ୍ତି, ସେହିପରି କରନ୍ତୁ କାରଣ

ଏହି ପୁସ୍ତକଗୁଡ଼ିକୁ, ବହିଥାକ ସବୁକୁ, ପଢ଼ିବା ମେଜ, କମ୍ପ୍ୟୁଟର ଇତ୍ୟାଦି, ଆମେ ଆମର ବାଇବଲ କଲେଜ ପାଇଁ ନିତାନ୍ତ ଆବଶ୍ୟକ କରୁଅଛୁ ।

## ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ

ଅନ୍ୟ ପକ୍ଷରେ, ଆମେ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର **ଲାଇବ୍ରେରୀ ପାଇଁ ମଧ୍ୟ କାହାଣୀ ବହି, କାଳ୍ପନିକ ଗଳ୍ପ ପୁସ୍ତକ, ଉପନ୍ୟାସ, ଲୋକଗଳ୍ପ, ଅଭିଧାନ, ଧନ୍ଦା, ଶବ୍ଦ ଧନ୍ଦା ଓ ନାଟକ ଭଳି ସାଧାରଣ ପୁସ୍ତକ ସବୁ ଆବଶ୍ୟକ କରୁଅଛୁ ।** ଦରିଦ୍ର ପିଲାମାନେ ଲାଇବ୍ରେରୀ ପୁସ୍ତକ ପାଇଁ ଆପଣମାନଙ୍କର ସାହାଯ୍ୟ ଚାହୁଁଛନ୍ତି । ଆପଣମାନେ ଈଶ୍ୱରଙ୍କ ଚାଳନାନୁସାରେ କାର୍ଯ୍ୟ କରନ୍ତୁ ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ ଜାଣିଥିବେ ଯେ ଈଶ୍ୱରଙ୍କ ସୈନ୍ୟବାହିନୀର ସମ୍ମୁଖ ଧାଡ଼ିରେ ଥିବା ଆମ ଭଳି ବ୍ୟକ୍ତିମାନଙ୍କ ପାଇଁ ବର୍ତ୍ତମାନର ସମୟଗୁଡ଼ିକ ଅନୁକୂଳ ନୁହେଁ । ଆମେ ଆମର ସ୍ୱାସ୍ଥ୍ୟ, ମିଶନ୍ କ୍ଷେତ୍ର, ପ୍ରଶାସନ, ଅର୍ଥ, ଇତ୍ୟାଦି କ୍ଷେତ୍ରରେ ବଡ଼ ଶୟତାନିକ ଆହ୍ୱାନର ସମ୍ମୁଖୀନ ହେଉଅଛୁ । ଈଶ୍ୱରଙ୍କ ଆତ୍ମା ସେହି ବାସ୍ତବ ସଂଘର୍ଷଗୁଡ଼ିକୁ ଆପଣମାନଙ୍କ ନିକଟରେ ପ୍ରକାଶ କରନ୍ତୁ ଯେଉଁଗୁଡ଼ିକର ଅନୁଭୂତି ଆମେ ପାଉଅଛୁ । ଆମେ ବାସ୍ତବରେ ଆପଣମାନଙ୍କର ସାହାଯ୍ୟକାରୀ ହସ୍ତ ଓ ପ୍ରାର୍ଥନା ଆବଶ୍ୟକ କରୁଅଛୁ । ପୃଥିବୀର କେହି ଜଣେ ଆମର ମଙ୍ଗଳ ବିଷୟରେ ଯତ୍ନଶୀଳ ଅଟେ ବୋଲି ଜାଣିଲେ ଆମେ ସାନ୍ତ୍ୱନାପ୍ରାପ୍ତ ହେବୁ, କାରଣ ଆମେ ଆପଣମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅତ୍ୟନ୍ତ ପ୍ରେମ କରୁଅଛୁ ।

ଶେଷରେ, ଆମର **''ଆହ୍ୱାନର ପ୍ରତିଧ୍ୱନି''** ପତ୍ରିକା ପାଠ କରୁଥିବା କେତେଜଣ ବନ୍ଧୁ ବୃଦ୍ଧାବସ୍ଥାରେ ପହଞ୍ଚିଛନ୍ତି ଓ ଆମକୁ ଅର୍ଥ ସହାୟତା ଦେବା ପାଇଁ ସମର୍ଥ ନୁହଁନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ସେମାନଙ୍କ ଠିକଣା ପରିବର୍ତ୍ତନ କରିଛନ୍ତି ଓ ସେ ବିଷୟରେ ଆମକୁ କିଠି ସଠିକ୍ ସମ୍ବାଦ ଦେଇ ନାହାନ୍ତି । ଏହା ଫଳରେ, ବହୁ ସଂଖ୍ୟକ ପତ୍ରିକା ଆମ ନିକଟକୁ ଫେରି ଆସୁଛି । ଆଗାମୀ ପିଢ଼ୀ ନିକଟକୁ ସୁସମାଚାର ପ୍ରେରଣ କରିବା ନିମନ୍ତେ ଆମକୁ ନୂତନ ପାଠକମାନଙ୍କର ଠିକଣା ଜାଣିବାକୁ ହେବ । ସେଥିପାଇଁ, ଆମ ନିକଟକୁ ଏପରି ଆତ୍ମିୟ ଓ ବନ୍ଧୁବର୍ଗଙ୍କର ନାମ ଓ ଠିକଣା ପ୍ରେରଣ କରିବା ପାଇଁ ଆମେ ଆପଣମାନଙ୍କୁ ଅନୁରୋଧ କରୁଅଛୁ ଯେଉଁମାନେ ଆପଣମାନଙ୍କଠାରୁ ଦୂରରେ ଅଛନ୍ତି (ଯଦି ସମ୍ଭବ, ସେମାନଙ୍କର ଇ-ମେଲ ଆଇଡ଼ି ଓ ମୋବାଇଲ ନମ୍ବର ସହିତ) । ଆପଣ ଆମକୁ ଡାକ ଦ୍ୱାରା କିମ୍ବା ଇ-ମେଲ ଦ୍ୱାରା କିମ୍ବା ୱାଟ୍‌ସଆପ୍ ଦ୍ୱାରା ସେଗୁଡ଼ିକୁ ପଠାଇପାରିବେ । ଆମେ ସେମାନଙ୍କୁ ପ୍ରତିମାସ ମାଗଣାରେ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ପଠାଇବା ଦ୍ୱାରା ଖୁସି ହେବୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍**

---

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

କୌଣସି ଉତ୍ତମ ବିଷୟ ହୁଏତ ଆପଣଙ୍କଠାରୁ ଖସି ଯାଇଥିବ । ଆଜି ଆପଣଙ୍କ ପାଇଁ କିଛି ସୁସମ୍ବାଦ ଅଛି । ଆପଣଙ୍କ ନିକଟରେ ଆପଣଙ୍କ ସଦାପ୍ରଭୁ ପରମେଶ୍ୱର ଯୀଶୁ ଖ୍ରୀଷ୍ଟ ଅଛନ୍ତି । ସେ ଆପଣଙ୍କୁ ପ୍ରତିଦିନ ତାଙ୍କ ବାକ୍ୟ ରୂପକ ଖାଦ୍ୟ ଭୋଜନ କରାଇବେ । ଏହି ବହୁମୂଲ୍ୟ ବାକ୍ୟଗୁଡ଼ିକ ଆଦୌ ତଳେ ପଡ଼ିବ ନାହିଁ । ତାଙ୍କ ବାକ୍ୟ ଦ୍ୱାରା ଆଶୀର୍ବାଦ ପାଇବା ନିମନ୍ତେ, ଆପଣଙ୍କୁ ଅତି ପ୍ରତ୍ୟୁଷରୁ ଉଠି ତାଙ୍କ ନିକଟରେ ପ୍ରାର୍ଥନା କରିବାକୁ ହେବ, ପବିତ୍ର ବାଇବଲ ପାଠ କରିବାକୁ ହେବ ଓ ସେହି ଦିନ ନିମନ୍ତେ ତାଙ୍କ ବାକ୍ୟ ପାଇବା ପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ । ଏହି ଅଭ୍ୟାସ କେବଳ ଗୋଟିଏ କିମ୍ବା ଦୁଇ ଦିନ ପାଇଁ ନୁହେଁ, ମାତ୍ର ଆପଣଙ୍କର ସମଗ୍ର ଜୀବନ ପାଇଁ ଉଦ୍ଦିଷ୍ଟ ଅଟେ ।

''ଆଉ ସଦାପ୍ରଭୁ ଶୀଲୋରେ ପୁଣି ଥରେ ଦେଖା ଦେଲେ, କାରଣ ସଦାପ୍ରଭୁ ଶୀଲୋରେ ଶାମୁୟେଲଙ୍କ ନିକଟରେ ସଦାପ୍ରଭୁଙ୍କ ବାକ୍ୟ ଦ୍ୱାରା ଆପଣାକୁ ପ୍ରକାଶ କଲେ । ଆଉ ଶାମୁୟେଲଙ୍କ କଥା ସମସ୍ତ ଇସ୍ରାଏଲ ମଧ୍ୟରେ ପ୍ରଚଳିତ ହେଲା'' (୧ ଶାମୁୟେଲ ୩:୨୧, ୪:୧) ।

ବାଇବଲରେ ଲେଖାଅଛି ଯେ, ଈଶ୍ୱରଙ୍କର ଗୋଟିଏ ବାକ୍ୟ ସୁଦ୍ଧା ତଳେ ପଡ଼ିବ ନାହିଁ (୧ ଶାମୁୟେଲ ୩:୧୯) । ତାହାର ଅନେକ କାରଣ ଅଛି । ଯେତେବେଳେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାଙ୍କ ହସ୍ତରେ ଜଣେ ବ୍ୟକ୍ତିକୁ ନିଅନ୍ତି ଓ ତାକୁ ବ୍ୟବହାର କରିବା ଆରମ୍ଭ କରନ୍ତି, ସେତେବେଳେ ଏହା କ୍ଷଣିକ ପାଇଁ ଉଦ୍ଦିଷ୍ଟ ନ ଥାଏ, ଏହା ସ୍ଥାୟୀ ଅଟେ । ଯିଏ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି, ଓ ସେ ମଧ୍ୟ ଏହା ସାଧନ କରିବେ (୧ ଥେସଲନୀକୀୟ ୫:୨୪) । ୨ ବଂଶାବଳୀ ୬:୪ରେ ଆମେ ପାଠ କରୁ, ''ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଧନ୍ୟ, ସେ ଆପଣା ମୁଖରେ ମୋ' ପିତା ଦାଉଦଙ୍କୁ ଏହି କଥା କହିଥିଲେ ଓ ଆପଣା ହସ୍ତରେ ତାହା ସଫଳ କରିଅଛନ୍ତି ।'' ଯିଶାଇୟ ୪୬:୪ରେ ସେ ପ୍ରତିଜ୍ଞା କରିଛନ୍ତି, ''ପୁଣି ଆମ୍ଭେ ତୁମ୍ଭମାନଙ୍କର ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସେହି ଅଟୁ ଓ ପକ୍ୱକେଶ ପର୍ଯ୍ୟନ୍ତ ହିଁ ଆମ୍ଭେ ତୁମ୍ଭମାନଙ୍କୁ ବହିବା । ଆମ୍ଭେ ନିର୍ମାଣ କରିଅଛୁ ଓ ଆମ୍ଭେ ବହିବା, ହଁ ଆମ୍ଭେ ବହିବା ଓ ଉଦ୍ଧାର କରିବା ।'' ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ । ଯଦିଓ ଆପଣଙ୍କର ପରିସ୍ଥିତି ଅତି ମନ୍ଦ ହୋଇଯାଇଛି, ତଥାପି ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏହାକୁ ସଠିକ୍ କରିଦେବେ ।

ଈଶ୍ୱରଙ୍କ ଲୋକ, ଶାମୁୟେଲଙ୍କ ଜୀବନର ଆରମ୍ଭରୁ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ସଦାପ୍ରଭୁ ପରମେଶ୍ୱରଙ୍କ ଶକ୍ତିପୂର୍ଣ୍ଣ ବାକ୍ୟ ସତ୍ୟ ବୋଲି ପ୍ରମାଣିତ ହୋଇଥିଲା । ସେହିପରି ସେ ଆପଣଙ୍କ ଜୀବନରେ ମଧ୍ୟ ମହତ୍ କାର୍ଯ୍ୟ ସାଧନ କରିବେ ଓ ତାଙ୍କର ସମସ୍ତ ପ୍ରତିଜ୍ଞା ସଫଳ କରିବେ ।

## ପ୍ରଥମତଃ, ଶାମୁୟେଲଙ୍କ ବାଲ୍ୟକାଳ



''ଏଉତ୍ତାରେ ଇଲ୍‌କାନା ରାମାସ୍ଥିତ ଆପଣା ଗୃହକୁ ଗଲା । ପୁଣି ବାଳକ ଏଲି ଯାଜକଙ୍କ ସମ୍ମୁଖରେ ଥାଇ ସଦାପ୍ରଭୁଙ୍କର ପରିଚର୍ଯ୍ୟା କଲା । ଏଲିଙ୍କର ପୁତ୍ରମାତେ ପାପାଧମ ସନ୍ତାନ ଥିଲେ, ସେମାନେ ସଦାପ୍ରଭୁଙ୍କୁ ଜାଣିଲେ ନାହିଁ'' (୧ ଶାମୁୟେଲ ୨:୧୧,୧୨) । ''ଏହି ରୂପେ ସଦାପ୍ରଭୁଙ୍କ ସାକ୍ଷାତ୍‌ରେ ସେହି ଯୁବା ଲୋକଙ୍କର ପାପ ଅତି ଭାରୀ ହେଲା, କାରଣ ସେହି ଲୋକମାନେ ସଦାପ୍ରଭୁଙ୍କ ନୈବେଦ୍ୟ ତୁଚ୍ଛ ଜ୍ଞାନ କଲେ'' (୧ ଶାମୁୟେଲ ୨:୧୭,୧୮) ।

ବାଇବଲ କହେ ଯେ ଏଲିଙ୍କର ପୁତ୍ରମାନେ, ଯଥା ହଫନୀ ଓ ପୀନ୍‌ହସ୍ ଅନେକ ପାପ କାର୍ଯ୍ୟରେ ଲିପ୍ତ ଥିଲେ (୧ ଶାମୁୟେଲ ୨:୧୩-୧୭, ୨୪) । ଯଦିଓ ଇସ୍ରାଏଲରେ ସେହି ପ୍ରକାର ପାପ କାର୍ଯ୍ୟ ନ କରିବା ପାଇଁ ଏଲି ସେମାନଙ୍କୁ ପରାମର୍ଶ ଦେଇଥିଲେ, ତଥାପି ସେମାନେ ତାହା ଶୁଣି ନ ଥିଲେ । ଏଲି ସେମାନଙ୍କୁ କହିଥିଲେ, ''ନାହିଁ, ନାହିଁ, ମୋହର ପୁତ୍ରମାନେ, ମୁଁ ଯେଉଁ ଜନରବ ଶୁଣୁଅଛି, ଭଲ ନୁହେଁ, ତୁମ୍ଭେମାନେ ସଦାପ୍ରଭୁଙ୍କ ଲୋକମାନଙ୍କୁ ଆଜ୍ଞାଲଙ୍ଘନ କରାଉଅଛ । ମନୁଷ୍ୟ ଯେବେ ମନୁଷ୍ୟ ବିରୁଦ୍ଧରେ ପାପ

କରେ, ତେବେ ପରମେଶ୍ୱର ତାହାର ବିଚାର କରିବେ, ମାତ୍ର ମନୁଷ୍ୟ ଯେବେ ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରେ, ତେବେ କିଏ ତା' ପକ୍ଷରେ ପ୍ରାର୍ଥନା କରିବ ?'' (୧ ଶାମୁୟେଲ ୨:୨୪,୨୫) ।

ଏହି ପରିସ୍ଥିତି ଅଧୀନରେ, ବାଳକ ଶାମୁୟେଲ ସଦାପ୍ରଭୁଙ୍କର ସେବା କରୁଥିଲେ । ଗୋଟିଏ ଛୋଟ ବାଳକ କିପରି ସଦାପ୍ରଭୁଙ୍କର ସେବା କରିପାରିବ ?

ଶାମୁୟେଲଙ୍କ ପିତାମାତା ତାଙ୍କୁ ମନ୍ଦିରରେ ଏଲି ଯାଜକଙ୍କ ନିକଟରେ ଛାଡ଼ି ଯାଇଥିଲେ । ଏଲି ସଦାପ୍ରଭୁଙ୍କର ସେବା କରିବା ସମୟରେ ଯାହା ସବୁ କରୁଥିଲେ, ସେଗୁଡ଼ିକୁ ବାଳକ ଯତ୍ନର ସହିତ ଲକ୍ଷ୍ୟ କରିବା ଆରମ୍ଭ କରିଥିଲେ । ଏଲି ପ୍ରାର୍ଥନା କରୁଥିବା ସମୟରେ ବାଳକ ଶାମୁୟେଲ ମଧ୍ୟ ନିଜର କୋମଳ ଆଣ୍ଠୁ ଭାଙ୍ଗି ପ୍ରାର୍ଥନା କରୁଥିବେ । ସେ ନିଜର ଚକ୍ଷୁ ବନ୍ଦ କରି ନିଜ ଭାଷାରେ ଈଶ୍ୱରଙ୍କର ପ୍ରଶଂସା ଓ ଧନ୍ୟବାଦ କରୁଥିବେ !! ଏଲି ଚକ୍ଷୁ ଖୋଲିବା ସମୟରେ, ଶାମୁୟେଲଙ୍କୁ ପ୍ରାର୍ଥନା କରୁଥିବାର ଦେଖିଥିବେ । ସେଥିପାଇଁ ଏଲି ନିଶ୍ଚୟ ଶାମୁୟେଲଙ୍କ ପିଠି ଥାପୁଡ଼େଇ ତାଙ୍କର ପ୍ରଶଂସା କରିଥିବେ ଓ ବାଳକ ଶାମୁୟେଲଙ୍କୁ ଆଶୀର୍ବାଦ କରିଥିବେ ।

ପବିତ୍ର ବାଇବଲ କହେ ଯେ ଶାମୁୟେଲଙ୍କ ମା' ପ୍ରତି ବର୍ଷ ତାଙ୍କ ପାଇଁ ଗୋଟିଏ ଚୋଗା ପ୍ରସ୍ତୁତ କରି ତାଙ୍କ ନିକଟକୁ ଆଣୁଥିଲେ । ଶାମୁୟେଲ ଗୋଟିଏ ଶୁକ୍ଳ ଏଫୋଦ ପିନ୍ଧି ସଦାପ୍ରଭୁଙ୍କର ପରିଚର୍ଯ୍ୟା କରୁଥିଲେ (୧ ଶାମୁୟେଲ ୨:୧୮,୧୯) । ସାଧାରଣତଃ, ବରିଷ୍ଠ ଯାଜକ ମହା ପବିତ୍ର ସ୍ଥାନରେ ପ୍ରବେଶ କରିବା ସମୟରେ ଏଫୋଦ ପରିଧାନ କରୁଥିଲେ ।

ଶାମୁୟେଲ ଛୋଟ ବାଳକ ଥିଲେ ସୁଦ୍ଧା, ତାଙ୍କର ମାତା ହାନ୍ନା ନିଜର ପୁତ୍ର ପାଇଁ ଯାଜକଙ୍କ ପୋଷାକ ସଦୃଶ ପୋଷାକ ପ୍ରସ୍ତୁତ କରୁଥିଲେ । ମୋର ମନେଅଛି, ମୋର ମା' ମୋ' ପାଇଁ ପାଳକଙ୍କ ପୋଷାକ ସଦୃଶ ପୋଷାକ ପ୍ରସ୍ତୁତ କରୁଥିଲେ । ସେ ସେହି ପୋଷାକରେ ମୋତେ ଦେଖି ଖୁସି ହେଉଥିଲେ । ମଣ୍ଡଳୀରେ ଅନେକ ଲୋକ ମୋତେ ସେହି ପୋଷାକରେ ଦେଖିଥିଲେ । ଅନେକ ଲୋକ ମୋତେ ପାଳକଙ୍କ ଭଳି ପ୍ରଚାର କରିବାର ଅଭିନୟ କରୁଥିବାର ଦେଖିଥିଲେ, ସେଥିପାଇଁ ମୁଁ ଯେ ଦିନେ ଜଣେ ଉତ୍ତମ ଈଶ୍ୱରଙ୍କ ଦାସ ହେବି, ଏହା ସେମାନେ ପ୍ରକାଶ କରିଥିଲେ ।

ଆଜିର ପିତାମାତାମାନଙ୍କୁ ଦେଖନ୍ତୁ ! ସେମାନଙ୍କ ସନ୍ତାନ ପୁଅ ହେଉ କିମ୍ବା ଝିଅ ହେଉ, ସେମାନେ ସେମାନଙ୍କ ପାଇଁ ଏପରି ଅତ୍ୟାଧୁନିକ ପୋଷାକ କିଣନ୍ତି ଯେପରିକି ସେମାନେ ସିନେମା ତାରକା ଭଳି ଦେଖାଯିବେ । ପିତାମାତାମାନେ ସେମାନଙ୍କର ସନ୍ତାନମାନଙ୍କ ଜାଗତିକ ଜୀବନଶୈଳୀ ମଧ୍ୟକୁ କଢ଼ାଇ ନିଅନ୍ତି । ପିଲାମାନେ ଅତି କଦର୍ଯ୍ୟ ଶୈଳୀର କେଶ କାଟନ୍ତି ଓ ଅତି ବାଲ୍ୟକାଳରୁ ଶାରୀରିକ ଅଭିଳାଷ ମଧ୍ୟରେ ପତିତ ହୁଅନ୍ତି । ''ରାତ୍ରି ପାହାନ୍ତା ହେଉଅଛି, ଦିବସ ସନ୍ନିକଟ, ଅତଏବ ଆସ, ଆମ୍ଭେମାନେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରୁ । ... ପୁଣି, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବସ୍ତ୍ର ରୂପେ ପରିଧାନ କର । ଆଉ କୁଅଭିଳାଷ ଉଦ୍ରେକ କରିବା ସକାଶେ ଶରୀର ନିମନ୍ତେ ଆୟୋଜନ କର ନାହିଁ'' (ରୋମୀୟ ୧୩:୧୨-୧୪) ।

## ଗୋଟିଏ ଅନୁଭୂତି

ଥରେ ଯେତେବେଳେ ମୁଁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ପ୍ରଚାର କାର୍ଯ୍ୟରେ ଯାଇଥିଲି, ସେତେବେଳେ ମୁଁ ଈଶ୍ୱରଙ୍କର ଜଣେ ଦାସ ଓ ତାଙ୍କ ପରିବାର ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି । ମୁଁ ତାଙ୍କ ସହିତ କଥାବାର୍ତ୍ତା କରୁଥିବା ସମୟରେ ଜଣେ ବ୍ୟକ୍ତି ଗୋଟିଏ ଯୁବତୀ କନ୍ୟା ଭଳି କାନରେ ଓ ବେକରେ ଅଳଙ୍କାର ପରିଧାନ କରି, ଆମ ପାଖ ଦେଇ ଚାଲିଗଲେ, ତାଙ୍କ ଝିଅ କ'ଣ ପଢୁଛି ବୋଲି ମୁଁ ତାଙ୍କୁ ପଚାରିଲି । ସେ ତାଙ୍କର ଝିଅ ନୁହେଁ, ମାତ୍ର ପୁଅ ଅଟେ ବୋଲି ସେ ଉତ୍ତର ଦେଇଥିଲେ । ସେ ମୋତେ କହିଥିଲେ ଯେ ତାଙ୍କ ସହରରେ ଗୋଟିଏ ଖ୍ରୀଷ୍ଟିଆନ ଯୁବ ସହଭାଗିତା ଅଛି ଓ ସେଠାରେ ସମସ୍ତ ପୁରୁଷ ମହିଳାମାନଙ୍କ ଭଳି ସୁସଜ୍ଜିତ ହୋଇ ଯୁବତୀମାନଙ୍କ ଭଳି ଦିଶନ୍ତି । ଆମେ କଥାବାର୍ତ୍ତା କରୁଥିବା ସମୟରେ ଆଉ ଜଣେ ଯୁବକ ପ୍ରବେଶ କଲେ । ମୁଁ ତାଙ୍କୁ ପଚାରିଲି, ''ଏ ପୁଅଟି କିଏ ?'' ସେ ଦୁଃଖର ସହିତ ଉତ୍ତର ଦେଲେ, ''ଏ ମୋର ପୁତ୍ର ନୁହେଁ, ମାତ୍ର ମୋର କନ୍ୟା ଅଟେ ।'' ଶୟତାନ ଅନେକ ଖ୍ରୀଷ୍ଟିଆନ ପରିବାର ଉପରେ ତା'ର ଫାନ୍ଦ ପକାଇ ଅଛି ଓ ସେମାନଙ୍କୁ ନର୍କ ଆଡକୁ କଢ଼ାଇ ନେଉଛି ।

''ଆମ୍ଭେମାନେ ପ୍ରଭୁ ଯୀଶୁଙ୍କ ଦ୍ୱାରା ତୁମ୍ଭମାନଙ୍କୁ କି କି ଆଦେଶ ଦେଇଥିଲୁ, ତାହା ତ ତୁମ୍ଭେମାନେ ଜାଣ । କାରଣ ତୁମ୍ଭେମାନେ ଯେପରି ପବିତ୍ର ହୁଅ, ଏହା ହିଁ ଈଶ୍ୱରଙ୍କ ଇଚ୍ଛା, ଅର୍ଥାତ୍, ତୁମ୍ଭେମାନେ ଯେପରି ବ୍ୟଭିଚାରରୁ ପୃଥକ୍ ରୁହ, ଆଉ ଯେପରି ଈଶ୍ୱରଙ୍କ ସମ୍ବନ୍ଧରେ ଅଜ୍ଞ ବିଜାତିମାନଙ୍କ ପରି କାମାଭିଳାଷୀ ନ ହୋଇ ପ୍ରତ୍ୟେକେ ପବିତ୍ର ଓ ସମାଦର ଭାବରେ ଆପଣା ଆପଣା ନିମନ୍ତେ ଭାର୍ଯ୍ୟା ଗ୍ରହଣ କରିବାକୁ ଜାଣ । ପୁଣି, ଯେପରି କେହି ଏ ବିଷୟରେ ସୀମା ଅତିକ୍ରମ କରି ଆପଣା ଭାଇକୁ ପ୍ରବଞ୍ଚନା ନ କରେ, ଯେଣୁ ପ୍ରଭୁ ଏ ସମସ୍ତ ବିଷୟର ଦଣ୍ଡଦାତା, ଯେପରି ଆମ୍ଭେମାନେ ପୂର୍ବେ ମଧ୍ୟ ତୁମ୍ଭମାନଙ୍କୁ ଜଣାଇ ସାକ୍ଷ୍ୟ ଦେଇଥିଲୁ । କାରଣ ଈଶ୍ୱର ଆମ୍ଭମାନଙ୍କୁ ଅଶୁଚିତାରେ ଜୀବନଯାପନ କରିବା ନିମନ୍ତେ ଆହ୍ୱାନ ନ କରି ପବିତ୍ର ହେବା ନିମନ୍ତେ ଆହ୍ୱାନ କରିଅଛନ୍ତି । ଅତଏବ, ଯେ ଏହା ଅଗ୍ରାହ୍ୟ କରେ, ସେ ମନୁଷ୍ୟକୁ ଅଗ୍ରାହ୍ୟ କରେ ନାହିଁ, ମାତ୍ର ଯେଉଁ ଈଶ୍ୱର ତୁମ୍ଭମାନଙ୍କ ଅନ୍ତରରେ ଆପଣା ପବିତ୍ର ଆତ୍ମା ପ୍ରଦାନ କରନ୍ତି, ତାହାଙ୍କୁ ଅଗ୍ରାହ୍ୟ କରେ'' (୧ ଥେସଲନୀକୀୟ ୪:୨-୮) ।

ଶାମୁୟେଲଙ୍କର ଜୀବନ ଯାତ୍ରାରେ ଈଶ୍ୱରଙ୍କର କୌଣସି ବାକ୍ୟ ତଳେ ପଡ଼ି ନ ଥିଲା । ପ୍ରିୟ ପିତାମାତା, ଆପଣମାନେ ଆପଣମାନଙ୍କର ସନ୍ତାନମାନଙ୍କୁ କିପରି ଲାଳନପାଳନ କରିଛନ୍ତି ?

## ଦ୍ୱିତୀୟତଃ, ଶାମୁୟେଲଙ୍କର ଯୌବନ କାଳ

''ଏରୂପେ, ସଦାପ୍ରଭୁଙ୍କ ସାକ୍ଷାତ୍‌ରେ ସେହି ଯୁବା ଲୋକଙ୍କର ପାପ ଅତି ଭାରୀ ହେଲା ...'' ମାତ୍ର ବାଳକ ଶାମୁୟେଲ କ୍ରମେ କ୍ରମେ ବୃଦ୍ଧି ପାଇଲେ, ପୁଣି ସଦାପ୍ରଭୁଙ୍କର ଓ ମଧ୍ୟ ମନୁଷ୍ୟର ସାକ୍ଷାତ୍‌ରେ ଅନୁଗ୍ରହପାତ୍ର ହେଲେ'' (୧ ଶାମୁୟେଲ ୨:୧୭,୨୬) ।



(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଗୋଟିଏ ପ୍ରେମପୂର୍ଣ୍ଣ ଅନୁରୋଧ (A LOVING REQUEST)

ଆମକୁ କର୍ମଚାରୀମାନଙ୍କର ଦରମା, କାଗଜ କିଣିବା ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ, ଇତ୍ୟାଦି ଭଳି ଅନେକ ଆବଶ୍ୟକତା ପୂରଣ କରିବାକୁ ପଡୁଥିବାରୁ, ଆମେ ଅତି ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ କାହାରିକୁ ଅର୍ଥ ସହାୟତା ମାଗି ନ ଥାଉ । ମାତ୍ର ଯେଉଁମାନେ ଏହି ସେବାକାର୍ଯ୍ୟକୁ ପ୍ରେମ କରନ୍ତି, ସେମାନେ ଯେପରି କିଛି ଦାନ ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, **Paypal, PhonePe, Gpay (9841071858)** କିମ୍ବା ଏନ୍‌ଇଏଫ୍‌ଟି ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରିବେ, ଏଥିପାଇଁ ଆମେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**''... ଭାଇ ଦୁର୍ଦ୍ଦଶା କାଳ ନିମନ୍ତେ ଜାତ ଅଟେ ।''**
**ହିତୋପଦେଶ ୧୭:୧୭**

*ସଂପାଦକ, ଆହ୍ୱାନର ପ୍ରତିଧ୍ୱନି*
*୯୮୪୧୦୭୧୮୫୮/୯୮୪୧୨୭୧୮୫୮*
E-mail : sam@echoofhiscall.org

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ



ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୧ ଏପ୍ରିଲ ୧୯ ରୁ ମଇ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ମଇ - ୧୯ ଆମର ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ - ୨୦ ଆମର ମୁଖ୍ୟ ଉପାସନାଳୟର ବରିଷ୍ଠ ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ମଇ - ୨୧ ଆମ ମୁଖ୍ୟ ଉପାସନାଳୟର ସମସ୍ତ ମହିଳା ଓ ପୁରୁଷ ସଦସ୍ୟ ଉତ୍ତମଭାବେ ଆଶୀର୍ବାଦପ୍ରାପ୍ତ ଅଟନ୍ତି ।

ମଇ - ୨୨ ଆମ ଛାପାକଳରେ ମୁଦ୍ରିତ ଓ ବିଭିନ୍ନ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ୧୭ଟି ଭାଷାର ସୁସମାଚାର ପତ୍ରିକା ''ଆହ୍ୱାନର ପ୍ରତିଧ୍ୱନି'' ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ - ୨୩ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସୀ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ମଇ - ୨୪ ଆମ ମଣ୍ଡଳୀ ଗୁଡ଼ିକର ପାଳକ ଓ କର୍ମଚାରୀମାନଙ୍କ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ମଇ - ୨୫ ଆମର ପ୍ରଚାର ଯାତ୍ରାଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ଆମେ କୃତଜ୍ଞତାର ସହିତ ଈଶ୍ୱରଙ୍କ ପ୍ରଶଂସା କରୁଅଛୁ ।

ମଇ - ୨୬ ଆମର ମୁଖ୍ୟ ଉପାସନାଳୟରେ, ସକାଳ ୮.୦୦ ରୁ ସନ୍ଧ୍ୟା ୮.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଉପାସନାଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମଇ - ୨୭ ବାଲାଜୀ ନଗର, ସନ୍ତୋଷ ପୁରମ୍ ଓ ଭେଲାଚେରୀ ଠାରେ ରବିବାର ଉପାସନା ପାଇଁ ପ୍ରଭୁଙ୍କର ପ୍ରଶଂସା ହେଉ ।

ମଇ - ୨୮ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ଦକ୍ଷ ଶିକ୍ଷକମାନଙ୍କ ଦ୍ୱାରା ଏହାର ପରିଚାଳନା ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ମଇ - ୨୯ ଆମର ଅର୍ଥ-ସହାୟତାକାରୀମାନଙ୍କ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ମଇ - ୩୦ ଗତ ମାସରେ ହୋଇଥିବା ସମସ୍ତ ସେବାକାର୍ଯ୍ୟ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ମଇ - ୩୧ ଆମର ରାଜ୍ୟ ସଂଯୋଜକ ଓ ସେମାନଙ୍କର ପରିବାରଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୧ ଆମ ମଣ୍ଡଳୀର ନୂତନ ସଦସ୍ୟ ଓ ବିଶ୍ୱାସୀମାନଙ୍କ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨ ଆମର ମିଶନେରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୩ ଆମର ସଦାପ୍ରଭୁ ପରମେଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

## ପ୍ରାର୍ଥନାର ବିଷୟ

ଜୁନ - ୪ ସମଗ୍ର ପୃଥିବୀର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ - ୫ ଏହି ମାସର ସେବାକାର୍ଯ୍ୟ ଓ ସେଗୁଡ଼ିକର ଉତ୍ତମ ଫଳ ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଜୁନ - ୬ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟର ସଂପ୍ରସାରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ - ୭ ସମସ୍ତ ଦେଶର ଲୋକମାନଙ୍କ ମଧ୍ୟରେ ସୁରକ୍ଷା ଓ ଏକତା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ - ୮ ବାଇବଲ କୋର୍ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ - ୯ ୨୦୨୧, ଜୁନ୍ ୨୧ରୁ ଆମ ନିହିମିୟା ବାଇବଲ କଲେଜର ପୁନାରମ୍ଭ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୦ ଆମ ବିଷୟରେ ଅତ୍ୟଧିକ ଯତ୍ନଶୀଳ ଥିବା ଆମ ମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୧ କୋଭିଡ୍ ୧୯ ଦ୍ୱାରା ଶୋଚନୀୟଭାବରେ ଆକ୍ରାନ୍ତ ହୋଇଥିବା ଲୋକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୨ ଆମକୁ ଅର୍ଥ ସହାୟତା ଦେଉଥିବା ବ୍ୟକ୍ତି, ଶୁଭେଚ୍ଛୁ ଓ ପ୍ରାର୍ଥନାରେ ଆମ ସେବାକାର୍ଯ୍ୟକୁ ତୋଳି ଧରୁଥିବା ବନ୍ଧୁମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୩ ପୃଥିବୀର ସମସ୍ତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସରକାରୀ କର୍ତ୍ତୃପକ୍ଷଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୪ ଆମର ସହଯୋଗୀ ସଂପାଦକ, ରେଭ୍.ଶଶି ତିୱାରୀ ଓ ରେଭ୍. ରାମକ୍ରିଷ୍ଣନ୍‌ଙ୍କ ଶୀଘ୍ର ଆରୋଗ୍ୟତା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୫ ଆମର ଇଂରାଜୀ ସହଯୋଗୀ ସଂପାଦକ ଭାଇ ଏମ୍.ପଲ୍‌ରାଜ ଯେପରି ସଂପୂର୍ଣ୍ଣ ସୁସ୍ଥତା ଲାଭ କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୬ ଆମର ମଣିପୁରୀ ଭାଷାରେ ସହଯୋଗୀ ସଂପାଦକ, ରେଭ୍.ଡଃ. ରିଷିକାନ୍ତ ସୋରୋଖାଇବାମ୍ ଯେପରି ସୁସ୍ଥ ହେବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୭ ପୃଥିବୀରୁ ଯେପରି କରୋନା ମହାମାରୀ ସଂପୂର୍ଣ୍ଣ ଭାବରେ ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁନ -୧୮ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ଯେପରି ସମସ୍ତ ମନ୍ଦ ଶକ୍ତିରୁ ରକ୍ଷା ପାଇବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏଲିଙ୍କର ପୁତ୍ରମାନେ ସଂପୂର୍ଣ୍ଣ ଭାବରେ ପାପରେ ବାସ କରୁଥିଲେ । ମାତ୍ର ଅନ୍ୟ ପକ୍ଷରେ, ଆମେ ଜଣେ ଯୁବକ, ଶାମୁୟେଲଙ୍କୁ ଉଭୟ ଈଶ୍ୱର ଓ ମନୁଷ୍ୟମାନଙ୍କ ଦୃଷ୍ଟିରେ ଅନୁଗ୍ରହପ୍ରାପ୍ତ ହୋଇ ଜୀବନ କାଟୁଥିବାର ଦେଖୁ । ଈଶ୍ୱର ଏହି ଉଭୟ ପ୍ରକାର ଲୋକମାନଙ୍କ ପ୍ରତି ଦୃଷ୍ଟିପାତ କରିଛନ୍ତି । ସେ କାହାକୁ ଆଶୀର୍ବାଦ କରିବେ ସେ କାହାକୁ ଉଚ୍ଚୀକୃତ କରିବେ ? ସେ କାହାକୁ ବିଶ୍ୱାସ କରିବେ ?

ମୁଁ ଯୁବକ ଥିବା ସମୟରେ, ମୋର ପିତାମାତା ମୋତେ ପାଳକ ଏସ୍.ଦେବଦାସନ୍‌ଙ୍କ ହସ୍ତରେ ସମର୍ପଣ କରିଥିଲେ (ସେ "India Harold of His Coming" ପତ୍ରିକାର ପୂର୍ବତନ ସଂପାଦକ ଥିଲେ) । ମୁଁ ଈଶ୍ୱରଙ୍କର ଜଣେ ସେବକଙ୍କର ସେବା କରିବାର ସୁଯୋଗ ପାଇଥିଲି, ମୁଁ ତାଙ୍କ ପ୍ରତି ବିଶ୍ୱସ୍ତ ଥିଲି । ସେ ଅତି ସଠିକ୍ ଭାବରେ ସମସ୍ତ କାର୍ଯ୍ୟ କରୁଥିଲେ ଓ ସର୍ବଦା ସମୟାନୁବର୍ତ୍ତୀ ଥିଲେ ମୁଁ ତାଙ୍କୁ ସବୁ ପ୍ରକାରେ ସନ୍ତୁଷ୍ଟ କରିବା ଉଚିତ୍ ଓ ତାଙ୍କୁ ଅସନ୍ତୁଷ୍ଟ କରିବା ଭଳି କୌଣସି କାର୍ଯ୍ୟ କରିବା ଅନୁଚିତ ବୋଲି ଭାବି, ମୁଁ ତାଙ୍କର ସେବା କରୁଥିଲି ।



ମୋର ପାଳକ ଘଣ୍ଟା ଘଣ୍ଟା ଧରି ଆଣ୍ଠୁ ଭାଙ୍ଗି ସମଗ୍ର ପୃଥିବୀର ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁଥିଲେ । ତାଙ୍କୁ ସେହି ଭଙ୍ଗୀରେ ଦେଖି, ମୁଁ ମଧ୍ୟ ତାଙ୍କ ଭଳି ପ୍ରାର୍ଥନା କରିବା ଶିକ୍ଷା କରିଥିଲି । ମୁଁ ଘଣ୍ଟା ଘଣ୍ଟା ଧରି ଈଶ୍ୱରଙ୍କ ବାକ୍ୟ ପାଠ କରିବା ଓ ଆଣ୍ଠୁ ମାଡ଼ି ପଦଗୁଡ଼ିକ ଉପରେ ଚିନ୍ତା କରିବା ଶିକ୍ଷା କରିଥିଲି । ମୁଁ ଅନ୍ୟ ଅନେକ ବିଷୟ ତାଙ୍କ ଠାରୁ ଶିକ୍ଷା କରିଥିଲି, ଯଥା – ଈଶ୍ୱରଙ୍କ ଠାରୁ ଈଶ୍ୱରଙ୍କ ବାର୍ତ୍ତା ପାଇବା, ଈଶ୍ୱରଙ୍କ ବାକ୍ୟାନୁସାରେ ଚାଲିବା, ଚିନ୍ତାଗୁଡ଼ିକୁ ଲେଖି ସେଗୁଡ଼ିକୁ ପ୍ରକାଶ କରିବା, ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା, ସମସ୍ତ ଆୟର ଦଶମାଂଶକୁ ପୃଥକ୍ କରି ଦଶମାଂଶ ଦାନ କରିବା, ବିଶେଷ ଦାନ ଦ୍ୱାରା ଅନ୍ୟ ସେବାକାର୍ଯ୍ୟଗୁଡ଼ିକୁ ମଧ୍ୟ ସହାୟତା ଦେବା, ମୋ' ସହିତ ସାକ୍ଷାତ୍ କରିବାକୁ ଆସୁଥିବା ଈଶ୍ୱରଙ୍କ ଦାସମାନଙ୍କୁ ପ୍ରେମ ଉପହାର ଦେବା, ସ୍ୱଚ୍ଛ ପୋଷାକ ପରିଧାନ କରିବା, ଇତ୍ୟାଦି । ମୁଁ ଏହି ସମସ୍ତ ଉତ୍ତମ ବିଷୟ ତାଙ୍କଠାରୁ ଶିଖିଥିଲି ଓ ମୋର ଈଶ୍ୱର, ମୋର ପାଳକ, ତାଙ୍କର ବଡ଼ ପରିବାର, ଯଥା ତାଙ୍କର ପତ୍ନୀ, ପୁତ୍ର, Dr. D.T.Rajah ଓ Dr. D.S.Spurgeon, Bro. Theodore, Bro. Wesley Devadasan ଓ କନ୍ୟା ତଥା ପୌତ୍ର ପୌତ୍ରୀମାନଙ୍କୁ ସନ୍ତୁଷ୍ଟ କରିଥିଲି । ସେମାନେ ମଧ୍ୟ ମୋତେ ଅତ୍ୟନ୍ତ ପ୍ରେମ କରୁଥିଲେ । ଈଶ୍ୱର ପରବର୍ତ୍ତୀ ଦିନଗୁଡ଼ିକରେ ମୋତେ ଅଧିକରୁ ଅଧିକ ଆଶୀର୍ବାଦ କରି ପୁରସ୍କୃତ କରିଥିଲେ ।

"ମୁଁ ତୁମ୍ଭର ବ୍ୟବସ୍ଥାକୁ କିପରି ପ୍ରିୟ ମଣେ, ତାହା ଦିନଯାକ ମୋହର ଧ୍ୟାନ । ତୁମ୍ଭ ଆଜ୍ଞାସବୁ ମୋତେ ମୋ' ଶତ୍ରୁଗଣଠାରୁ ଅଧିକ ଜ୍ଞାନବାନ୍ କରେ । କାରଣ ତାହାସବୁ ନିରନ୍ତର ମୋ' ସଙ୍ଗେ ଥାଏ । ମୋହର ସମସ୍ତ ଗୁରୁ ଅପେକ୍ଷା ମୋ' ବୁଦ୍ଧି ଅଧିକ, କାରଣ ତୁମ୍ଭର ପ୍ରମାଣ ବାକ୍ୟସବୁ ମୋହର ଧ୍ୟାନ । ମୁଁ ପ୍ରାଚୀନମାନଙ୍କ ଅପେକ୍ଷା ଅଧିକ ବୁଝେ । ଯେଣୁ ମୁଁ ତୁମ୍ଭର ବିଧାନସବୁ ପାଳନ କରିଅଛି" (ଗୀତ ୧୧୯:୯୭-୧୦୦) । ଈଶ୍ୱର ମୋ' ଜୀବନରେ ମୋତେ ଯାହା କହିଛନ୍ତି, ସେଥି ମଧ୍ୟରୁ କୌଣସିଟି ତଳେ ପଡ଼ି ନାହିଁ । ସେ ମୋତେ ସୁରକ୍ଷା ଦେଇଛନ୍ତି । ସେ ମୋର ଆବଶ୍ୟକତା ପୂରଣ କରିଛନ୍ତି ।

ପ୍ରିୟ ଯୁବକ ଓ ଯୁବତୀମାନେ, ଆପଣମାନେ ବର୍ତ୍ତମାନ ଯେଉଁ ଜାଗତିକ ଜୀବନ କାଟୁଛନ୍ତି, ତଦ୍ୱାରା ଉପରୋକ୍ତ ଅନୁଭୂତି ପାଇଛନ୍ତି କି ? ଆପଣମାନେ କିପରି ପୋଷାକ ପିନ୍ଧୁଛନ୍ତି ? ଆପଣମାନେ ଅନ୍ୟମାନଙ୍କୁ ଆକର୍ଷଣ କରିବା ପାଇଁ ପୋଷାକ ପିନ୍ଧୁଛନ୍ତି କି? ଆପଣମାନଙ୍କର କେଶ ସଜ୍ଜା ଅନ୍ୟମାନଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ କି ? ନିଜକୁ ଜାଗ୍ରତ କରନ୍ତୁ । "ଈଶ୍ୱର ବିଦ୍ରୁପର ପାତ୍ର ନୁହଁନ୍ତି" (ଗାଲାତୀୟ ୬:୭) ।

ଆଜିର କେତେକ ଯୁବକ ଯୁବତୀଙ୍କୁ ଦେଖନ୍ତୁ, ଯେଉଁମାନେ ନିଜ ନିଜକୁ ଈଶ୍ୱରଙ୍କ ସେବକ କହି ଗର୍ବ କରନ୍ତି । ସେମାନଙ୍କର ପୋଷାକ, ସେମାନଙ୍କର କେଶ ସଜ୍ଜା, ନିଶ ଓ ଦାଢ଼ୀକୁ ଲକ୍ଷ୍ୟ କରନ୍ତୁ । ସେମାନଙ୍କର ଜାଗତିକ, ମାତ୍ର ଭୁଲ ପରିଧାନ ଶୈଳୀ ଦ୍ୱାରା ସେମାନେ ଅନ୍ୟମାନଙ୍କୁ ଆକର୍ଷିତ କରିପାରିବେ ବୋଲି ଭାବନ୍ତି । ସେମାନେ ହୁଏତ ସେମାନଙ୍କ ଭଳି ଦିଶୁଥିବା କେତେ ଯୁବକ ଯୁବତୀଙ୍କୁ ଆକର୍ଷିତ କରିପାରନ୍ତି । ମାତ୍ର ଏହିପରି ଅତ୍ୟାଧୁନିକ ସେବାକାର୍ଯ୍ୟ ଦ୍ୱାରା, ସେମାନେ ଈଶ୍ୱରଙ୍କୁ ଆଦୌ ସନ୍ତୁଷ୍ଟ କରିପାରିବେ ନାହିଁ କିମ୍ବା ଜଣେ ବ୍ୟକ୍ତିକୁ ସୁଦ୍ଧା ପାପ ପୂର୍ଣ୍ଣ ଜୀବନ ଶୈଳୀ ମଧ୍ୟରୁ ଉଦ୍ଧାର ପାଇବାରେ ସାହାଯ୍ୟ କରିପାରିବେ ନାହିଁ । ସାବଧାନ ହୁଅନ୍ତୁ, ଶାମୁୟେଲଙ୍କ ନମ୍ରତା ଓ ବିଶ୍ୱାସ ହିଁ ତାଙ୍କ ଯୌବନକାଳରେ ଉଭୟ ଈଶ୍ୱର ଓ ଲୋକମାନଙ୍କୁ ସନ୍ତୁଷ୍ଟ କରିଥିଲା । ଈଶ୍ୱର ତାଙ୍କୁ କହିଥିବା ଗୋଟିଏ ବାକ୍ୟ ସୁଦ୍ଧା ତଳେ ପଡ଼ି ନ ଥିଲା ।

ଈଶ୍ୱରଙ୍କ ପ୍ରିୟ ସନ୍ତାନ, ଆପଣଙ୍କର ଏହି ଅନୁଭୂତି ଅଛି କି ? ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଆହ୍ୱାନ ପାଇଥିବା କେତେକ ଯୁବା ବ୍ୟକ୍ତି ସେମାନଙ୍କର ଆଦ୍ୟାବସ୍ଥାରେ ଅତି ଉଜ୍ଜ୍ୱଳ ଦିଶନ୍ତି । ମାତ୍ର ସେମାନେ ବେଶୀ ଦିନ ସେହିପରି ରହନ୍ତି ନାହିଁ । ଅନେକେ ବିବାହ ପରେ ସଂପୂର୍ଣ୍ଣଭାବରେ ପରିବର୍ତ୍ତିତ ହୁଅନ୍ତି, ସେମାନେ ସେମାନଙ୍କର ପରିଧାନ ଶୈଳୀ, ଏପରିକି ସେମାନେ ଦିନେ ଯେଉଁ ଧର୍ମମତକୁ ବିଶ୍ୱାସ କରୁଥିଲେ, ତାହାକୁ ସୁଦ୍ଧା ପରିବର୍ତ୍ତନ କରନ୍ତି । ସେମାନେ ଈଶ୍ୱରଙ୍କଠାରୁ ଦିନେ ଯେଉଁ ଆହ୍ୱାନ ପାଇଥିଲେ, ତାହାକୁ ମଧ୍ୟ ଭୁଲିଯାନ୍ତି । ସେମାନଙ୍କର ଆତ୍ମିକ ମାନ ହରାଇ ସଂପୂର୍ଣ୍ଣ ଭାବରେ ଭଗ୍ନ ହୁଅନ୍ତି । ଆମେ ହୁଏତ ସମାଜରେ ଅତି ଉଚ୍ଚକୁ ଉଠିଥାଇ ପାରୁ ମାତ୍ର ଆମକୁ ପ୍ରେରିତମାନଙ୍କର ଶିକ୍ଷା ଅନୁକରଣ କରିବା ବିଷୟରେ ଓ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଶିକ୍ଷା ଦେବା ବିଷୟରେ ସତର୍କ ରହିବାକୁ ହେବ । ଏହା ସମୟର ଆବଶ୍ୟକତା ଅଟେ । ଈଶ୍ୱରଙ୍କର ଯେଉଁ ଦାସମାନେ ଏହି ସମସ୍ତ ଶିକ୍ଷାକୁ ଗ୍ରହଣ କରିଛନ୍ତି, ସେମାନେ ଦୀର୍ଘ ଦିନ ଧରି ଈଶ୍ୱରଙ୍କ ପାଇଁ ସେବାକାର୍ଯ୍ୟ କରି ଏକ ଆଶୀଷପ୍ରାପ୍ତ ଜୀବନ କାଟିପାରନ୍ତି । ବିଜୟ ଏହିପରି ଲୋକମାନଙ୍କ ପାଇଁ ସୁନିଶ୍ଚିତ ଅଟେ । ଆମର ସଦାପ୍ରଭୁ ପରମେଶ୍ୱର ମଧ୍ୟ ଏହିପରି ବ୍ୟକ୍ତିମାନଙ୍କୁ ଆବଶ୍ୟକ କରନ୍ତି ।

**ତୃତୀୟତଃ, ଶାମୁୟେଲ ବୃଦ୍ଧି ପାଇଥିଲେ ଓ ସଦାପ୍ରଭୁ ତାଙ୍କର ସହବର୍ତ୍ତୀ ଥିଲେ ... (୧ ଶାମୁ ୩:୧୯) ।**

ସଦାପ୍ରଭୁଙ୍କର ପ୍ରଶଂସା ହେଉ ! ବର୍ତ୍ତମାନ ଶାମୁୟେଲ ଜଣେ ପୌଢ଼ ବ୍ୟକ୍ତିରେ ବୃଦ୍ଧି ପାଇଥିଲେ ବର୍ତ୍ତମାନ ମଧ୍ୟ ସଦାପ୍ରଭୁ ପରମେଶ୍ୱର ତାଙ୍କର ସହବର୍ତ୍ତୀ ଥିଲେ । ବାଲ୍ୟକାଳ ଓ ଯୌବନକାଳ ପୌଢ଼ତ୍ୱଠାରୁ ଭିନ୍ନ ଅଟେ । ଯେତେବେଳେ ଆପଣ ଗୋଟିଏ ଶିଶୁ କିମ୍ବା ଗୋଟିଏ ଯୁବକ ଥାଆନ୍ତି, ସେତେବେଳେ ଆପଣ ଆପଣଙ୍କର ପିତାମାତା ଓ ସମାଜଠାରୁ ସହାୟତା ପାଇବାର ସମ୍ଭାବନା ଥାଏ । ଯେତେବେଳେ ଆପଣ ବୟସ୍କ ହୁଅନ୍ତି ସେତେବେଳେ ଆପଣ ଈଶ୍ୱରଙ୍କ ଦୟା ଅଧିକ ଆବଶ୍ୟକ କରନ୍ତି । ଆପଣ ନିଜକୁ ବିବାହ, ସନ୍ତାନସନ୍ତତି, ଅର୍ଥ, ସାମାଜିକ ଜୀବନ, ଅସୁସ୍ଥତା ଓ ପାରିବାରିକ ସମସ୍ୟା ଭଳି ବିଭିନ୍ନ ପରିସ୍ଥିତି ମଧ୍ୟରେ ଆବିଷ୍କାର କରନ୍ତି । ଏହିପରି ପରିବେଶଗୁଡ଼ିକରେ, ଆପଣ ଈଶ୍ୱରଙ୍କ ସାହାଯ୍ୟ ଆବଶ୍ୟକ କରନ୍ତି, ଆମେ ଏକାକୀ ଠିଆ ହୋଇ ଈଶ୍ୱରଙ୍କ ଦୟା ବିନା ଏକ ବିଜୟୀ ଜୀବନ କାଟିପାରିବା ନାହିଁ । ସୁରକ୍ଷା ଓ ଚାଳନା ଭଳି ଈଶ୍ୱରଙ୍କ ସାହାଯ୍ୟ ନିଶ୍ଚୟ ଆବଶ୍ୟକ ହେବ ।

ଯେତେବେଳେ ମୁଁ ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ମଧ୍ୟକୁ ଆସିବା ପୂର୍ବରୁ ଗୋଟିଏ ସରକାରୀ ବିଭାଗରେ କାର୍ଯ୍ୟ କରୁଥିଲି, ସେତେବେଳେ ମୋର କାର୍ଯ୍ୟାଳୟରେ ମୋର ଜଣେ ବନ୍ଧୁ ଥିଲେ । ମୁଁ ଖାଇବା ସମୟରେ ସୁସମାଚାର ପତ୍ରିକା ବଣ୍ଟନ କରି ପ୍ରଚାର କରୁଥିଲି । ମୁଁ ଏକ ପୃଥକୀକୃତ ଜୀବନ କାଟୁଥିଲି । ମୁଁ ଏହିସବୁ ବିଷୟ କରୁଥିବାରୁ, ମୋର ବନ୍ଧୁ ମୋତେ ଚିଡ଼ାଇ ଥିଲେ ଓ ମୋର ଉଚ୍ଚତର କର୍ତ୍ତୃପକ୍ଷଙ୍କ ନିକଟରେ ମୋ' ବିଷୟରେ ଅଭିଯୋଗ କରୁଥିଲେ । ଏହା ମୋତେ ମାନସିକ ଚାପ ପ୍ରଦାନ କରୁଥିଲା । ମୁଁ ତାଙ୍କ ପାଇଁ ପ୍ରାର୍ଥନା କରୁଥିଲି । ଯେତେବେଳେ ମୁଁ କିଛି ବର୍ଷ ପରେ ତାଙ୍କୁ ଭେଟିଲି, ସେତେବେଳେ ତାଙ୍କର ପରିଧାନ ଶୈଳୀ ଓ ଆଚରଣ ସଂପୂର୍ଣ୍ଣଭାବରେ ପରିବର୍ତ୍ତିତ ହୋଇ ଯାଇଥିବାର ଦେଖି ଆଶ୍ଚର୍ଯ୍ୟ ହେଲି । ତାଙ୍କ କୁର୍ତ୍ତାର ସମ୍ମୁଖ ଭାଗରେ "ଯୀଶୁ ଜୀବିତ ଅଟନ୍ତି" ବୋଲି ଲେଖା ଥିବାର ଓ ତାଙ୍କ ହାତରେ ଗୋଟିଏ ବାଇବଲ ଥିବାର ଲକ୍ଷ୍ୟ କଲି । ସେ ଗୋଟିଏ ଅତି ଭିନ୍ନ ପ୍ରକାରର ଲୋକ ଭଳି ଦିଶୁଥିଲେ ।

ମୁଁ ଆଶ୍ଚର୍ଯ୍ୟରେ ତାଙ୍କୁ ପ୍ରଶ୍ନ କଲି, "ପ୍ରିୟ ବନ୍ଧୁ, ତୁମ ପ୍ରତି କ'ଣ ଘଟିଥିଲା ? ତୁମେ ମୋ' ଅପେକ୍ଷା ଅଧିକ କ୍ଷିପ୍ର ଭଳି ମନେ ହେଉଛ ।" ସେ ଉତ୍ତର ଦେଲେ, "ଭାଇ ସାମ୍, ମୁଁ ବିବାହ କରି ସାରିଥିଲି, ମାତ୍ର ମୋ' ପାଖରେ କିଛି ଉତ୍ତମ ଚାକିରୀ ନ ଥିଲା । ମୋ' ଗୃହରେ କିଛି ଶାନ୍ତି ନ ଥିଲା । ଆମ ପାଖରେ ଅର୍ଥାଭାବ ଥିଲା, ଆମର କୌଣସି ସନ୍ତାନ ସନ୍ତତି ମଧ୍ୟ ନ ଥିଲେ । ସମସ୍ତେ ମୋତେ ପରିହାସ କରିବା ଆରମ୍ଭ କରିଥିଲେ । ମୁଁ କୌଣସି ପ୍ରକାରେ ଉଦ୍ଧାର ପାଇବା ପାଇଁ ବାଧ୍ୟ ହେଲି । ମାତ୍ର କେହି ମୋ' ଜୀବନରେ ଥିବା ନୈରାଶ୍ୟ, ନିଦ୍ରାହୀନତା ଓ ଅଭିଶାପରୁ ମୋତେ ଉଦ୍ଧାର କରିବା ପାଇଁ ଆସି ନ ଥିଲେ । ମୁଁ ଏପରି ଜଣେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କର ସାହାଯ୍ୟ ଆବଶ୍ୟକ କରୁଥିଲି ଯିଏ ବାସ୍ତବରେ ମୋର ସମସ୍ୟା ସମାଧାନ କରିବା ପାଇଁ ମୋ' ସହିତ ରହିପାରିବେ ।

"ଏହି ପରିସ୍ଥିତିରେ, ମୋର ଜଣେ ପଡ଼ୋଶୀ ଥିଲେ ଯିଏ ସର୍ବଦା ଯୀଶୁ ଖ୍ରୀଷ୍ଟ ନାମକ କୌଣସି ଜଣଙ୍କ ବିଷୟରେ ଗୀତ ଗାଉଥିଲେ ଓ ତାଙ୍କ ଶକ୍ତି ବିଷୟରେ ଉଚ୍ଚ ସ୍ୱରରେ ଘୋଷଣା କରୁଥିଲେ । କ'ଣ କହିବାକୁ ହେବ, ତାହା ମୁଁ ଜାଣି ନ ଥିଲି । ଦିନେ, ମୁଁ ସମସ୍ତଙ୍କର ଅଲକ୍ଷ୍ୟରେ, ଗୋଟିଏ ଛୋଟ ଗୀର୍ଜ୍ଜା ମଧ୍ୟରେ ପ୍ରାର୍ଥନା ସମୟରେ ପ୍ରବେଶ କରି ଗୋଟିଏ କୋଣରେ ବସିଗଲି । ସେହି ପାଳକ ମୋତେ ଜାଣି ନ ଥିଲେ କିମ୍ବା ମୋତେ ଲକ୍ଷ୍ୟ କରି ନ ଥିଲେ କିମ୍ବା ମୋର କୌଣସି ଆବଶ୍ୟକତା କି ଦୁଃଖ ବିଷୟରେ କିଛି ଜାଣି ନ ଥିଲେ ।

ମାତ୍ର ସେ ବାଇବଲର ମାଥିଉ ୧୧:୨୮ ପଢ଼ି ବୁଝାଉଥିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।" ଏହାର ପ୍ରତ୍ୟେକଟି ଶବ୍ଦ ମୋ' ହୃଦୟ ମଧ୍ୟରେ ପ୍ରବେଶ କରି କିଛି କମ୍ପନ ସୃଷ୍ଟି କରିଥିଲା । ମୁଁ ମୋର ଜ୍ଞାନ ଓ ବିଶ୍ୱାସର ଊର୍ଦ୍ଧ୍ୱରେ ଏକ ଅଲୌକିକ ସ୍ୱର୍ଗୀୟ ସ୍ପର୍ଶ ଉପଭୋଗ କରିବା ପାଇଁ ସମର୍ଥ ଥିଲି ।

"ସେହି ଦିନ ମୁଁ ଏହା ଉପଲବ୍ଧି କରିଥିଲି ଯେ ଜଣେ ଈଶ୍ୱର ଅଛନ୍ତି ଓ ତାଙ୍କର ନାମ ଯୀଶୁ ଖ୍ରୀଷ୍ଟ ଅଟେ । କିପରି ଏକ ସୁନ୍ଦର ଅନୁଭୂତି । ସେହି ଦିନ, ମୁଁ ପ୍ରଭୁ ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ମୋ' ମୁଖ ଦ୍ୱାରା ମୋର ପାପ ସ୍ୱୀକାର କରି ପାପକ୍ଷମା ଓ ଏକ ପରିବର୍ତ୍ତିତ ହୃଦୟ ପାଇଥିଲି । ଭାଇ ସାମ୍, ମୁଁ ପରିତ୍ରାଣର ଅନୁଭୂତି ପାଇଥିଲି ଓ ମୋର ପରିବାର ମଧ୍ୟ ପରିତ୍ରାଣ ପାଇଥିଲା । ବର୍ତ୍ତମାନ ଆମେ ସମସ୍ତେ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେଉଅଛୁ । ମୋର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ମୋର ସମସ୍ତ ଭଗ୍ନତା ଦୂର କରିଥିଲେ ଓ ମୋର ସମସ୍ତ ଆବଶ୍ୟକତା ପୂରଣ କରିଥିଲେ ।"

ପ୍ରିୟ ପାଠକ, ଆଜି ଆପଣ ଜଣେ ତ୍ରାଣକର୍ତ୍ତାଙ୍କୁ ଆବଶ୍ୟକ କରନ୍ତି । ଆପଣ ଜଣେ ଈଶ୍ୱରଙ୍କୁ ଆବଶ୍ୟକ କରନ୍ତି । ଏପରି ଲୋକମାନଙ୍କର କଥା ଶୁଣନ୍ତୁ ନାହିଁ ଯେଉଁମାନେ ଖ୍ରୀଷ୍ଟିୟାନମାନଙ୍କର ଶିକ୍ଷା ବିଷୟରେ କିଛି ଭୁଲ୍ କଥା କହନ୍ତି । ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା ଓ ଈଶ୍ୱର କହନ୍ତି, "ପରମେଶ୍ୱର ନାହାନ୍ତି ବୋଲି ମୂର୍ଖ ଆପଣା ମନେ ମନେ କହିଅଛି" (ଗୀତ ୫୩:୧) । "...ବିନାଶପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର..." (୧ କରିନ୍ଥୀୟ ୧:୧୮) । ଆପଣ ସଫଳ ହେବା ପାଇଁ ଜନ୍ମ ନେଇଛନ୍ତି । "ଉଠ, ଦୀପ୍ତିମତୀ ହୁଅ, କାରଣ ତୁମ୍ଭର ଦୀପ୍ତି ଉପସ୍ଥିତ ଓ ସଦାପ୍ରଭୁଙ୍କ ପ୍ରତାପ ତୁମ୍ଭ ଉପରେ ଉଦିତ ହୋଇଅଛି" (ଯିଶାଇୟ ୬୦:୧) ।

ଶାମୁୟେଲ ବୃଦ୍ଧି ପାଇବା ସମୟରେ ଈଶ୍ୱର ସର୍ବଦା ତାଙ୍କର ସହବର୍ତ୍ତୀ ଥିଲେ । ସେଥିପାଇଁ ଈଶ୍ୱର ତାଙ୍କୁ ଯାହା କିଛି କହିଥିଲେ, ସେଥି ମଧ୍ୟରୁ କୌଣସିଟି ତଳେ ପଡ଼ି ନ ଥିଲା । ପ୍ରିୟ ବନ୍ଧୁ, ଆପଣ ହୁଏତ ଜଣେ ଛୋଟ ପିଲା, ଯୁବକ କିମ୍ବା ବୟସ୍କ ବ୍ୟକ୍ତି ହୋଇପାରନ୍ତି । ମାତ୍ର ଈଶ୍ୱରଙ୍କ ଶକ୍ତି ଆଦୌ ହ୍ରାସ ହୁଏ ନାହିଁ । ବର୍ତ୍ତମାନ ତାଙ୍କ ନିକଟକୁ ଆସନ୍ତୁ, ବିଜୟ ସୁନିଶ୍ଚିତ ଅଟେ !

## ଚତୁର୍ଥତଃ, ବୃଦ୍ଧ ଶାମୁୟେଲ



"ତହିଁରେ ଶାମୁୟେଲ ଯେ ସଦାପ୍ରଭୁଙ୍କ ଭବିଷ୍ୟଦ୍‌ବକ୍ତା ହେବାକୁ ନିଯୁକ୍ତ ହୋଇଅଛନ୍ତି, ଏହା ଦାନ୍‌ଠାରୁ ବେର୍‌ଶେବା ପର୍ଯ୍ୟନ୍ତ ସମସ୍ତ ଇସ୍ରାଏଲ ଜ୍ଞାତ ହେଲେ" (୧ ଶାମୁୟେଲ ୩:୨୦) ।

"ଯେ ତୁମ୍ଭମାନଙ୍କୁ ଆହ୍ୱାନ କରୁଅଛନ୍ତି, ସେ ବିଶ୍ୱସ୍ତ, ସେ ତାହା ମଧ୍ୟ ସାଧନ କରିବେ" (୧ ଥେସଲନୀକୀୟ ୫:୨୪) ।

**ବର୍ତ୍ତମାନ ଶାମୁୟେଲ ସମସ୍ତ ଇସ୍ରାଏଲ ପାଇଁ ଭାବବାଦୀ ଓ ବିଚାରକର୍ତ୍ତା ଥିଲେ (୧ ଶାମୁୟେଲ ୩:୨୦) । ପରେ ଶାମୁୟେଲ ରାମାରେ ମଧ୍ୟ ରହିଥିଲେ ଓ ମିସ୍‌ପା, ଗିଲ୍‌ଗଲ ଓ ବେଥେଲରେ ଏକ ବିଚାରକର୍ତ୍ତାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ସେ ଜଣେ ଭାବବାଦୀ ଓ ଜଣେ ବିଚାରକର୍ତ୍ତା ମଧ୍ୟ ଥିଲେ ।** ତାଙ୍କର ଉଭୟ ପୁତ୍ର ତାଙ୍କୁ ତାଙ୍କ ବୃଦ୍ଧାବସ୍ଥାରେ ସାହାଯ୍ୟ କରିଥିଲେ । ଶାମୁୟେଲ କିପରି ଜଣେ ବିସ୍ମୟ ଓ ଆଶୀର୍ବାଦର ବ୍ୟକ୍ତି ଥିଲେ ।

ଏହାପରେ ଇସ୍ରାଏଲ, ଜଣେ ରାଜା ସେମାନଙ୍କ ଉପରେ ରାଜତ୍ୱ କରନ୍ତୁ ବୋଲି ଇଚ୍ଛା କରିଥିଲେ । ସେଥିପାଇଁ, ଈଶ୍ୱରଙ୍କ ଆଜ୍ଞାନୁସାରେ, ଶାମୁୟେଲ ଜଣେ ବିଚାରକର୍ତ୍ତା ଭାବରେ ଶାଉଲଙ୍କୁ ରାଜା ହେବା ପାଇଁ ଅଭିଷିକ୍ତ କରିଥିଲେ । ସେ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଜଣେ ଭାବବାଦୀ ଓ ବିଚାରକର୍ତ୍ତା ହୋଇ ରହିଥିଲେ । ମୁଁ ବ୍ୟକ୍ତିଗତ ଭାବରେ ଶାମୁୟେଲଙ୍କୁ ଅତ୍ୟଧିକ ପ୍ରଶଂସା କରେ ।

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 10 2329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

## ଏକ ଅନୁଭୂତି

ଯେତେବେଳେ ମୁଁ ସରକାରୀ କାର୍ଯ୍ୟ କରୁଥିଲି, ସେତେବେଳେ ସେହି କାର୍ଯ୍ୟାଳୟ ପାଇଁ ଗୋଟିଏ ନୂତନ ଗୃହ ନିର୍ମାଣ ହେଉଥିଲା । ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଓ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବା ପୂର୍ବରୁ କର୍ମଚାରୀମାନେ ଦେବତାମାନଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞ କରିବାକୁ ଇଚ୍ଛା କଲେ । ମାତ୍ର ସର୍ବୋଚ୍ଚ ଅଫିସର, ଯିଏ ଆଦୌ ଜଣେ ଖ୍ରୀଷ୍ଟିଆନ ନ ଥିଲେ, ସେ ମୋତେ ସେଠାରେ ପ୍ରାର୍ଥନା କରିବା ପାଇଁ ଓ ସର୍ବୋଚ୍ଚ ମହଲାକୁ ମୋର କାର୍ଯ୍ୟାଳୟ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଲେ । ସେ କହିଥିଲେ ଯେ ଜାଗତିକ ଭାବରେ ପ୍ରାର୍ଥନା କରିବା ପାଇଁ ଜଣେ ପୁରୋହିତଙ୍କୁ ନିମନ୍ତ୍ରଣ କରି କାହିଁକି ଆମର ସମୟ ଓ ଅର୍ଥ ବ୍ୟୟ କରିବା ଯେତେବେଳେ କି କୌଣସି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସର୍ବଦା କୌଣସି ପ୍ରକାର ପ୍ରାର୍ଥନା କରୁଥିବା ଈଶ୍ୱରଙ୍କର ଜଣେ ଦାସ, ସାମ୍.ସେଲ୍‌ଭାରାଜ୍ ଆମ ସହିତ କାର୍ଯ୍ୟ କରୁଛନ୍ତି । ପୁଣି ସେ ମୋତେ ପ୍ରଥମେ ମୋର ଅଫିସକୁ ସର୍ବୋଚ୍ଚ ମହଲାକୁ ନେବା ପାଇଁ ନିର୍ଦ୍ଦେଶ ଦେଇ ମୋତେ ସମ୍ମାନ ଦେଖାଇଥିଲେ । ଏହିପରି ଭାବରେ ଈଶ୍ୱର ମୋତେ ଜଣେ ସରକାରୀ କର୍ମଚାରୀ ହେବା ସହିତ ଏକ ଯାଜକ ହେବାର ସୌଭାଗ୍ୟ ମଧ୍ୟ ପ୍ରଦାନ କରିଥିଲେ । ଆପଣମାନେ ଜାଣିଥିବେ ଯେ ପୂର୍ବରୁ ସରକାର ମୋତେ ‘‘ଆହ୍ୱାନର ପ୍ରତିଧ୍ୱନି’’ ସେବାକାର୍ଯ୍ୟ ପରିଚାଳନା କରିବା ପାଇଁ ଅନୁମତି ଦେଇଥିଲେ ।

ପରେ, ଯେତେବେଳେ ଈଶ୍ୱର ଶାଉଲଙ୍କୁ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ ଶାମୁୟେଲ ଦାଉଦଙ୍କୁ ଇସ୍ରାଏଲର ରାଜା ଭାବରେ ଅଭିଷିକ୍ତ କରିଥିଲେ । ଦାଉଦ ଶାମୁୟେଲଙ୍କୁ ନିଜର ଆତ୍ମିକ ପିତା ଭାବରେ ବିଚାର କରିଥିଲେ । ଯେତେବେଳେ ଶାମୁୟେଲ ମୃତ୍ୟୁବରଣ କଲେ, ସେତେବେଳେ ସମଗ୍ର ଇସ୍ରାଏଲ ତାଙ୍କ ପାଇଁ ଶୋକ କରିଥିଲା ।

ପ୍ରିୟ ପାଠକ, ଆପଣ ଆପଣଙ୍କ ଜୀବନରେ ଏହି ପ୍ରକାର ଉନ୍ନତିର ଅନୁଭୂତି ପାଇଛନ୍ତି କି?

ଶାମୁୟେଲଙ୍କ ବାଲ୍ୟକାଳ, ଯୌବନ ଓ ପୌଢ଼ତ୍ୱ ସମୟରେ ଓ ତାଙ୍କର ବୃଦ୍ଧ ବୟସରେ, ଈଶ୍ୱର ତାଙ୍କୁ ସୁରକ୍ଷା ଦେଇଥିଲେ ଓ ତାଙ୍କର କୌଣସି ବାକ୍ୟକୁ ତଳେ ପଡ଼ିବାକୁ ଦେଇ ନ ଥିଲେ । ପ୍ରଭୁ ଏହିପରି ଏକ ଅପୂର୍ବ ପ୍ରେମ ଓ ଯତ୍ନର ସହିତ ଆପଣଙ୍କର ମଧ୍ୟ ସହବର୍ତ୍ତୀ ହୁଅନ୍ତୁ । ଜୀବିତ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତୁ ଓ ତାଙ୍କ ନିକଟକୁ ଆସନ୍ତୁ । ଆମେନ୍ ।

★★★

## We Need Library Books

we also need used **library books which are general in nature** such as **Story Books, Fictions, Novels, Fables, Dictionaries, Puzzles, Word Twister and Dramas** for our **St. Paul's Matriculation School**. Please Contact :

**Pr. S. Sam Selva Raj,**
**Echo of His Call,**
Cell : 98412 71858 / 98410 71858
E.mail : sam@echoofhiscall.org

## TAX EXEMPTION

Donations by any individual or organization to **Echo of His Call Educational Trust** are eligible for Income Tax exemption under Section 80G of the Income Tax Act. Official receipts will be issued for this purpose. Please make your Demand Drafts / Cheques / M.O. for such donations in favour of **Echo of His Call Educational Trust** and send to us.

| | |
|---|---|
| Account Name | : ECHO OF HIS CALL EDUCATIONAL TRUST |
| Account Number | : 1023 2923 805 |
| Bank Name | : STATE BANK OF INDIA |
| Branch | : TRIPLICANE, CHENNAI - 600 005 |
| IFSC Code | : SBIN 0000249 \| SWIFT Code : SBI NIN BB 455 |


# NEHEMIAH BIBLE COLLEGES Estd.:1992

ECHO OF HIS CALL 1969-2019 GOLDEN JUBILEE (ECHO GROUP)

## ECHO OF HIS CALL MINISTRIES (ESTD.: 1969)

**Recognised by the International Christian Leaders & Senior Pastors for the 50 Years!**



**Applied accreditation for ATA**

**RESIDENTIAL COLLEGE, Velachery**
**(Medium: English & Hindi)**
Course : Certificate Course / Diploma in Theology
Qualification : 10th Standard

**EVENING COLLEGE, Chepauk & Santhoshapuram**
**(Medium : Tamil)**
**Course** : Certificate Course / Diploma in Theology
*Monday, Tuesday & Thursday at 6.30 p.m. to 8.30 p.m.*
(Evening Classes - Chepauk)
Qualification : 10th Standard

**C.Th., - One Year**
**D.Th., - Two Years**

Golden Opportunity! Don't miss!!
God is Calling you!!!

Classes Start on : 01-06-2021

For more Details & Application Forms Please Contact:
**Pastor S. Sam Selva Raj,** Founder - President
**Nehemiah Bible College**
10, Mohammed Abdullah 2nd Street, Bells Road, Opp. Cricket Stadium, Chepauk, Chennai - 600 005, India.
Phone : (+91-44) 2852 8282, 2852 9293, 2854 7766, Cell No : (+91) 98410 71852, 95661 31858
E.mail : sam@echoofhiscall.org / biblecor@yahoo.co.in Websites : www.echoofhiscall.org / www.echoofhiscall.com



# ଗର୍ତ୍ତରୁ ରାଜପ୍ରାସାଦ (PIT TO PALACE)

## (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ଅନନ୍ତର ଇସ୍‌ହାକ୍ ସେହି ଦେଶରେ କୃଷି କର୍ମ କରି ସେହି ବର୍ଷ ଶହେ ଗୁଣ ଲାଭ କଲେ, ପୁଣି ସଦାପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ" (ଆଦି ୨୬:୧୨) ।**

୧୯୭୨ରେ, ମୋର ଆଦ୍ୟ ଦିନଗୁଡ଼ିକରେ, ମୁଁ ପ୍ରଭୁଙ୍କ ଆତ୍ମାଙ୍କର ଚାଳନା ପାଇ ଚେନ୍ନାଇର ସଇଦ୍‌ପେଟ ନାମକ ଏକ ସ୍ଥାନରେ ଗୋଟିଏ ସୁସମାଚାର ସଭାର ଆୟୋଜନ କରିଥିଲି । ଆମେ ସେହି ସଭା ପାଇଁ ପୋଷ୍ଟର, ହାତଲେଖା, ଇତ୍ୟାଦି ମାଧ୍ୟମରେ ଯଥେଷ୍ଟ ବିଜ୍ଞାପନ ଦେଇ ଲୋକମାନଙ୍କୁ ନିମନ୍ତ୍ରଣ କରିଥିଲୁ । ମୁଁ ମୋର ସହକର୍ମୀମାନଙ୍କ ସହାୟତାରେ ଅଧିକରୁ ଅଧିକ ଲୋକଙ୍କୁ ଆଣିବା ପାଇଁ ଚେଷ୍ଟା କରିଥିଲି ।

କେବଳ ଏହି କାର୍ଯ୍ୟକ୍ରମ ପାଇଁ ପ୍ରଚୁର ପ୍ରାର୍ଥନା କରାଯାଇଥିଲା । ମୋର କେତେକ ବନ୍ଧୁ ସେମାନଙ୍କର ବାଦ୍ୟ ଯନ୍ତ୍ର ଓ ବିଶେଷ ଗୀତ ଆଣିଥିଲେ । ସଭା ଆରମ୍ଭ ହେବା ସମୟରେ, ଆମେ କୌଣସି ଲୋକଙ୍କୁ ସେହି ସ୍ଥାନକୁ ଆସିବାର ଦେଖି ପାରି ନ ଥିଲୁ । ମାତ୍ର ଆମେ ବହୁ ସମୟ ଧରି ଅପେକ୍ଷା କରି ରହିଥିଲୁ । ଶେଷରେ ଦୁଇଜଣ ଭାଇ ସଭାରେ ଯୋଗ ଦେବାକୁ ଆସିଲେ । ମୋର ଯେଉଁ ସହକର୍ମୀମାନେ ସଭା ପାଇଁ କଠିନ ପରିଶ୍ରମ କରିଥିଲେ, ସେମାନେ ଦୁଃଖିତ ହେଲେ । ଈଶ୍ୱର କାହିଁକି ଆମର ଆନ୍ତରିକ ପ୍ରାର୍ଥନା ଶୁଣିଲେ ନାହିଁ ଓ ଆମର କଠିନ ପରିଶ୍ରମକୁ ସମ୍ମାନିତ କଲେ ନାହିଁ ବୋଲି ସେମାନେ ମୋତେ ପଚାରିଲେ । ମୁଁ ସେମାନଙ୍କୁ କହିଥିଲି ଯେ ଈଶ୍ୱର ହୁଏତ ତାଙ୍କ ନିଜସ୍ୱ ମାର୍ଗରେ ଉତ୍ତର ଦେବେ । ମୁଁ ବାସ୍ତବରେ ଆଶା ହରାଇ ନ ଥିଲି । ମୁଁ ସଦାପ୍ରଭୁ ମୋହର ପରମେଶ୍ୱରଙ୍କଠାରେ ନିଜକୁ ବଳବାନ୍ କରିଥିଲି (୧ ଶାମୁୟେଲ ୩୦:୬) ।

କିନ୍ତୁ, ଆମେ ଉପସନା ସଭା ଚଳାଇଲୁ ଓ ଗୋଟିଏ ଶକ୍ତିପୂର୍ଣ୍ଣ ବାର୍ତ୍ତା ପ୍ରଚାର କଲୁ । ପୁଣି ଦୁଇ ଜଣ ଯୋଗଦାନକାରୀଙ୍କ ମଧ୍ୟରୁ ଜଣେ ପ୍ରଭୁଙ୍କ ନିକଟରେ ନିଜର ଜୀବନ ସମର୍ପଣ କରିଥିଲେ ଓ ପରେ ମୋ' ସହିତ ପ୍ରଭୁଙ୍କ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ ।

ବର୍ତ୍ତମାନ ଈଶ୍ୱର ଏପରି ସଭା ଗୁଡ଼ିକରେ ପ୍ରଚାର କରିବା ପାଇଁ ଉତ୍ଥିତ କରିଛନ୍ତି ଯେଉଁଠାରେ ଭାରତରୁ ଓ ବିଦେଶରୁ ଆଗତ ହଜାର ହଜାର ଲୋକ ଏକତ୍ରିତ ହେଉଛନ୍ତି । ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହେଉଅଛି । ଏଥିପାଇଁ, ମୋତେ ଅତି ଧୈର୍ଯ୍ୟ ଓ ବିଶ୍ୱାସର ସହିତ ଅନେକ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ ବିଫଳତା ରୂପକ ନୌକାରେ ଯାତ୍ରା କରୁଛନ୍ତି କି ? ଆପଣଙ୍କର ସମସ୍ତ କଠିନ ପରିଶ୍ରମ ଓ ଉପବାସ ପ୍ରାର୍ଥନା କୌଣସି ଫଳ ଧାରଣ କରୁ ନାହିଁ ବୋଲି ଭାବୁଛନ୍ତି କି ? ବେଳେବେଳେ ଈଶ୍ୱର ସେହି ସମୟରେ ନୀରବ ରହନ୍ତି ଯେଉଁ ସମୟରେ ଆମେ ଅତି ବଡ଼ ଓ ତାତ୍‌କ୍ଷଣିକ ପ୍ରତ୍ୟାଶା ସହିତ ଅତି ସକ୍ରିୟ ଥାଉ, କାରଣ ସେତେବେଳେ ସେ ତାଙ୍କ ପ୍ରତି ଆମର ବିଶ୍ୱାସ ଓ ଧୈର୍ଯ୍ୟକୁ ପରୀକ୍ଷା କରନ୍ତି ।

"ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ" (୧ ପିତର ୧:୭) ।

ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

* * *


## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D, NEFT, Paypal, PhonePe, Gpay (9841071858)**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ-ମେଲ ଠିକଣା ପ୍ରେରଣ କରନ୍ତୁ ।

## ECHO OF HIS CALL

**10, MOHAMMED ABDULLAH 2nd STREET, CHEPAUK, CHENNAI - 600 005, INDIA**
**PH: (+91-44) 2852 8282, 2852 9293, 2854 7766,**
**Cell: (+91) 98410 71852, 95661 31858**
**E-mails: sam@echoofhiscall.org / biblecor@yahoo.co.in**
**Websites: www.echoofhiscall.org / www.echoofhiscall.com**

**YOU CAN SEND YOUR DONATIONS ON ONLINE ALSO**

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

**ଏହା ଆପଣଙ୍କର ସେବାକାର୍ଯ୍ୟ ! ଦୟାକରି ଈଶ୍ୱରଙ୍କର ଗୌରବ ନିମନ୍ତେ ଏହା କରନ୍ତୁ !! ଆମେ ଅଧିକ ପାଠକ ଆବଶ୍ୟକ କରୁ**

ଦୟାକରି ତଳେ ଆପଣମାନଙ୍କ ବନ୍ଧୁ ଓ ଆତ୍ମିୟଙ୍କ ମଧ୍ୟରୁ ଅନ୍ତତଃ ୧୦ଟି ନାମ, ଠିକଣା, ଇ-ମେଲ ଯୋଗାଯୋଗ ଓ ଫୋନ ନମ୍ବର ଲେଖନ୍ତୁ । ଆମେ ପ୍ରତ୍ୟେକ ମାସ ଆପଣଙ୍କଠାରୁ ଏକ ଉପହାର ଭାବରେ ସେମାନଙ୍କ ନିକଟକୁ **"ଆହ୍ୱାନର ପ୍ରତିଧ୍ୱନି"** ପତ୍ରିକା ପ୍ରେରଣ କରିବୁ ।

୧. ______________________________

______________________________

୨. ______________________________

______________________________

୩. ______________________________

______________________________

୪. ______________________________

______________________________

୫. ______________________________

______________________________

୬. ______________________________

______________________________

୭. ______________________________

______________________________

୮. ______________________________

______________________________

୯. ______________________________

______________________________

୧୦. ______________________________

______________________________

**(ଦୟାକରି, ଅଧିକ ଠିକଣା ପାଇଁ ଅତିରିକ୍ତ କାଗଜ ବ୍ୟବହାର କରନ୍ତୁ । ଈଶ୍ୱର ଆପଣମାନଙ୍କୁ ପୁରସ୍କୃତ କରିବେ !)**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17st & 18nd of every month
Posted at "Egmore RMS / 1 Patrika Channel"
on 18nd MAY, 2021.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from 18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**